# ମହୁଲପଡ଼ା ଗାଁକୁ ରାସ୍ତା ନାହିଁ, ଡଙ୍ଗାରେ ହେଉଛି ଯାତାୟାତ

ଦିଗପହଣ୍ଡି,୩୦।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଖମାରୀଗାଁ ପଞ୍ଚାୟତ ଅନ୍ତର୍ଗତ ମହୁଲପଡା ଗ୍ରାମକୁ ବିଜୁଳି କିମ୍ବା ରାସ୍ତାଟିଏ ନାହିଁ। ଲୋକେ ବିପଦ ସଙ୍କୁଳ ଅବସ୍ଥାରେ ଦିଗପହଣ୍ଡି କିମ୍ବା ପଞ୍ଚାୟତ ସଦର ମହକୁମାକୁ କାଠ ଡଙ୍ଗାରେ ଯାତାୟାତ କରୁଥିବା ଜଣାପଡିଛି। ପାହାଡିଆ ରାସ୍ତାରେ ପ୍ରାୟ ୫ କିଲୋମିଟର ଅତିକ୍ରମ ପରେ ଡଙ୍ଗାରେ ଗାଁକୁ ଯିବା ଆସିବା କରିଥାନ୍ତି। ଆଦିବାସୀ ବହୁଳ ଗ୍ରାମରେ ୩୦ରୁ ଉର୍ଦ୍ଧ୍ୱ ପରିବାର ବାସ କରୁଥିବା ବେଳେ ବିଜୁଳି ଓ ରାସ୍ତା ନଥିବାରୁ ପିଲାମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଜଙ୍ଗଲ ରାସ୍ତାରେ ହିଂସ୍ର ଜନ୍ତୁର ଭୟ ଏବଂ ପାଣିରେ କୁମ୍ଭୀରର ଭୟ ଭିତରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଭାଜପାର ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀ ସୋମବାର ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଗ୍ରାମକୁ ବିଜୁଳି ଏବଂ ପକ୍କା ରାସ୍ତା ନିର୍ମାଣ ପାଇଁ ସେ ପ୍ରଶାସନିକ ଅଧିକାରୀ ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ସୀମାଞ୍ଚଳ ସାସମଲ, ଗୋପୀନାଥ ବେହେରା, ଆକାଶ ରେଡ୍ଡୀ, କିସାନ ପାତ୍ର, ପ୍ରଭଞ୍ଜନ ପାଇକ, ଅଜୟ ପାଇକ, ପଞ୍ଚା ପାଇକ, ପ୍ରତିମା ପାଇକ ଏବଂ ବହୁ ଗ୍ରାମବାସୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ମହୁଲପଡ଼ା ଗ୍ରାମ।

# ନୃତ୍ୟ ପ୍ରତିଯୋଗିତାରେ ଗଞ୍ଜାମର ଆଦ୍ୟାଶା ପ୍ରଥମ




ପୁରସ୍କାର ସହ ଆଦ୍ୟାଶା ପ୍ରିୟଦର୍ଶନୀ।

ଗଞ୍ଜାମ,୩୦।୧୦(ବିଦ୍ୟାଧର ସାହୁ)

ସିଦ୍ଧାର୍ଥ ଟିଭିରେ ଚାଲିଥିବା ନାଚ ଓଡ଼ିଶା ନାଚ ଜୁନିୟର ସିଜନ୍ -୨ ନୃତ୍ୟ ପ୍ରତିଯୋଗିତାରେ ଗଞ୍ଜାମର ଆଦ୍ୟାଶା ପ୍ରିୟଦର୍ଶୀନୀ(୧୧) ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଗଞ୍ଜାମ ବ୍ଲକ ସୁବଳୟା ଗ୍ରାମର ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ବିଭୁ ପ୍ରସାଦ ବେହେରା ଏବଂ ପ୍ରଜ୍ଞା ପଲେଇଙ୍କ କନିଷ୍ଠ କନ୍ୟା ଆଦ୍ୟାଶା ଏହା ପୂର୍ବରୁ ଟିକେ ଡାନ୍ସ ଓ ଟିକେ ଆକ୍ଟିଂରେ ମଧ୍ୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ମଞ୍ଚରେ ବିଚାରକ ଭାବେ ଯୋଗଦେଇ ଦାୟିତ୍ୱ ତୁଲାଇଥିଲେ ମାଷ୍ଟର ହରିହର ଦାସ୍, ଜୟା ବିଶ୍ୱାସ ଓ ଓଡ଼ିଆ ଅଭିନେତ୍ରୀ ପୁନମ୍ ମିଶ୍ର। ଆଦ୍ୟାଶା ପ୍ରିୟଦର୍ଶନୀଙ୍କ ନୃତ୍ୟ କଳାରେ ମୁଗ୍ଧ ହୋଇ ମାଷ୍ଟର ଜୟା ବିଶ୍ୱାସ ତାଙ୍କୁ ସୁନାର ମୁଦି ପ୍ରଦାନ କରିଥିଲେ। ଏହା ପରେ ସିଦ୍ଧାର୍ଥ ଟିଭି ତରଫରୁ ନଗଦ ୫୦,୦୦୦ ଟଙ୍କା ମିଳିବା ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଏହା ସମଗ୍ର ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଆଦ୍ୟାଶା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଦ୍ଧାର୍ଥ ଟିଭିର ପ୍ରତିଷ୍ଠାତା ନମିତା ଅଗ୍ରୱାଲ ଏବଂ ଓଡ଼ିଆ ବର୍ଷୀୟାନ ଅଭିନେତ୍ରୀ ଅନୁ ଚୌଧୁରୀ ଉପସ୍ଥିତ ଥିଲେ। ଆଧୁନିକ ନୃତ୍ୟ ଗଣେଶ ମିସ୍ତ୍ରୀ ଏବଂ ଓଡ଼ିଶୀ ନୃତ୍ୟ ଶିବରାମ ବାରିକ୍ ନିକଟରେ ଶିକ୍ଷାଲାଭ କରିଥିଲେ। ଏଭଳି ନୃତ୍ୟ ପରିବେଷଣ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ଆଦ୍ୟାଶାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି।

## ସଂକ୍ଷେପରେ

### କାଳୀ ମନ୍ଦିର ତୋରଣ ମାଳା ଭିତ୍ତିପ୍ରସ୍ତର ସ୍ଥାପନ

ବେଲଗୁଣ୍ଠା,୩୦।୧୦(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ସୋରଡ଼ା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ସୋମବାର ବେଲଗୁଣ୍ଠା ଖଦାଳ ସାହି ସ୍ଥିତ ମା' ରୁଦ୍ର କାଳୀ ମନ୍ଦିରର ତୋରଣ ମାଳା ଭିତ୍ତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ରାଜ୍ୟ ବିଜେଡି ପ୍ରବକ୍ତା ଓମ୍ ପ୍ରକାଶ ସାହୁ, ଏମ୍‌ପି ପ୍ରତିନିଧି ତଥା ନଗର ବିଜେଡି ସଭାପତି ରବୀନ୍ଦ୍ର ନାଥ ମହାପାତ୍ର, ନଗରପାଳ ଫିରୋଜ କୁମାର ସେଠୀ, ଉପନଗରପାଳ ଟି ବବିତା କୁମାରୀ, ମନ୍ଦିର ପରିଚାଳନା କମିଟି ସଭାପତି ଜିତେନ୍ଦ୍ର ସୁବୁଦ୍ଧି, ଦଣ୍ଡ କମିଟି ମୁଖ୍ୟ ପରିଚାଳକ ସିଏଚ୍ ଲିଙ୍ଗରାଜ ପାତ୍ର, ସେବା ସମବାୟ ସମିତି ସଭାପତି ସନ୍ତୋଷ ସୁବୁଦ୍ଧି, ବଣିକ ସଂଘ ସଭାପତି ସନତ୍ କୁମାର ସୁବୁଦ୍ଧି, ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ଭି ଦେବୀ ପ୍ରସାଦ ପାତ୍ର ଉପସ୍ଥିତ ଥିଲେ।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଚିକିଟି,୩୦।୧୦(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ବିରସିଂହ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ସୋମବାର ସୀମାଞ୍ଚଳ ପ୍ରଧାନ (୩୦)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏକ ସପ୍ତାହ ତଳେ ସୀମାଞ୍ଚଳ ନିଜ ଘରେ ବାନ୍ତିକରି ଅଚେତ ହୋଇଯିବାରୁ ପରିବାର ଲୋକେ ବ୍ରହ୍ମପୁର ବଡମେଡିକାଲରେ ଭର୍ତ୍ତି କରିଥିଲେ। ସପ୍ତାହ ଧରି ଚିକିତ୍ସାଧୀନ ଚାଲିଥିବା ବେଳେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ବ୍ରହ୍ମପୁର ବଡମେଡିକାଲ ଫାଣ୍ଡି ପହଞ୍ଚି ମୃତଦେହକୁ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

### ରାମଚଣ୍ଡୀଙ୍କ ପୀଠରେ ହେବ ଜରାଶ୍ରମ

ଛତ୍ରପୁର,୩୦।୧୦(ସନ୍ତୋଷ ପାଢ଼ୀ)

ମା' ରାମଚଣ୍ଡୀଙ୍କ ପୀଠରେ କରପଡା ପଞ୍ଚାୟତର ସରପଞ୍ଚ ଅଜୟ ନାୟକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କରପଡା ପଞ୍ଚାୟତର ନୀଳାଦ୍ରିପୁର ଗ୍ରାମ ମା' ରାମଚଣ୍ଡୀଙ୍କ ପାହାଡ଼ ନିକଟରେ ଏକ ଜରାଶ୍ରମ ଶୁଭାରମ୍ଭ ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ନୀଳାଦ୍ରିପୁର, ବିରିପୁର, କରପଡା ଓ ଆଲିଆବାଦ ଗ୍ରାମର ଅଧିକାରୀ, ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ଜରାଶ୍ରମରେ ଅଞ୍ଚଳର ଅସହାୟ ଓ ଅବହେଳିତ ବୃଦ୍ଧାବୃଦ୍ଧଙ୍କୁ ସବୁ ପ୍ରକାର ସେବା ଯୋଗାଇ ଦିଆଯିବ।

### ତୀର୍ଥଯାତ୍ରା ଗାଡିକୁ ସବୁଜ ପତାକା ଦେଖାଇଲେ ବିଧାୟକ

ଛତ୍ରପୁର,୩୦।୧୦(ଦିଲୀପ ସାମଲ):

ରାଜ୍ୟ ସରକାରଙ୍କ ପକ୍ଷରୁ ତୀର୍ଥଯାତ୍ରା ଯୋଜନାରେ ବିଭିନ୍ନ ତୀର୍ଥସ୍ଥାନ ବୁଲିବା ପାଇଁ ଛତ୍ରପୁର ବ୍ଲକରୁ ୧୪ ଜଣ ବରିଷ୍ଠ ନାଗରିକ ବାହାରିଛନ୍ତି। ସେମାନଙ୍କୁ ନେଇ ବାହାରିଥିବା ଗାଡିକୁ ଛତ୍ରପୁର ବ୍ଲକ କାର୍ଯ୍ୟାଳୟ ପରିସରରୁ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ୧୪ ଜଣ ବରିଷ୍ଠ ନାଗରିକ କନ୍ୟା କୁମାରୀ ଓ ତ୍ରିବେନ୍ଦ୍ରମ ଯାତ୍ରା କରି ଆସନ୍ତା ୫ ତାରିଖରେ ଫେରିବା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ଛତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବରାଳ, ଏବିଡ଼ିଓ ଜୟଶ୍ରୀ ନାୟକଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ଶପଥ ନେଲେ ଅଧିକାରୀ, କର୍ମଚାରୀ

## ଦୁର୍ନୀତି ନିବାରଣ ସପ୍ତାହ

ଛତ୍ରପୁର,୩୦।୧୦
(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ)

ସୋମବାରଠାରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଆରମ୍ଭ କରାଯାଇଛି। ଏହା ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମୁଖ୍ୟମନ୍ତ୍ରୀ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଠ କରାଇଥିଲେ। ଗଞ୍ଜାମ ଜିଲା ଶପଥ ପାଠ କାର୍ଯ୍ୟକ୍ରମରେ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ, ପ୍ରିୟ ରଞ୍ଜନ ପୃଷ୍ଟି, ଦେବବ୍ରତ ସାହୁଙ୍କ ଉପସ୍ଥିତିରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଦୁର୍ନୀତି ନିବାରଣ ବିଭାଗର ଅଧିକାରୀ, କର୍ମଚାରୀ ଶପଥ ପାଠ କରିଥିଲେ। ପରେ ପରେ ଅତିରିକ୍ତ ଜିଲାପାଳ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଦୁର୍ନୀତି ନିବାରଣ ବିଭାଗର ଡ଼ିଏସପି କ୍ରିଷ୍ଣା କୁମାରୀ ପ୍ରଧାନଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଅଧିକାରୀ, କର୍ମଚାରୀମାନେ ଶପଥ ନେଉଛନ୍ତି।

**ବାଲିଗୁଡ଼ା (ସଞ୍ଜୟ କୁମାର ପାଣିଗ୍ରାହୀ):** ବାଲିଗୁଡା ବ୍ଲକ କାର୍ଯ୍ୟାଳୟର ଅଶ୍ୱିନ ହଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଖଣ୍ଡ ସ୍ତରୀୟ ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହି ରାଜ୍ୟ ସ୍ତରୀୟ ସମାରୋହରେ ଜଡ଼ିତ ହେବା ସହିତ ସାଧୁତାର ଶପଥ ପାଠ କରିଥିଲେ।

# ତୀର୍ଥ ଯାତ୍ରାରେ ଗଲେ ୮୭ ବରିଷ୍ଠ ନାଗରିକ

ଫୁଲବାଣୀ, ୩୦।୧୦
(ରାକେଶ କୁମାର ରାଉତ):

ସରକାରଙ୍କର ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ କନ୍ଧମାଳ ଜିଲାରୁ ୮୭ ଜଣ ତୀର୍ଥଯାତ୍ରୀ ସୋମବାର ବ୍ରହ୍ମପୁର ଅଭିମୁଖେ ଯାତ୍ରା କରିଛନ୍ତି। ପୂର୍ବାହ୍ନରେ ସାର୍ତଗୁଡ଼ା ସ୍ଥିତ ସମନ୍ୱିତ ଭିତ୍ତିଭୂମି କଂପ୍ଲେକ୍ସ ପରିସରରୁ ଦୁଇଟି ବସ୍ ଯୋଗେ ସେମାନଙ୍କୁ ବ୍ରହ୍ମପୁର ନିଆଯାଇଛି। ସେମାନେ ମଙ୍ଗଳବାର ବ୍ରହ୍ମପୁରରୁ ଟ୍ରେନ୍ ଯୋଗେ କନ୍ୟାକୁମାରୀ-ତ୍ରିଭେନ୍ଦ୍ରମ ଯାତ୍ରା କରିବେ। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣୁଆ, ଜିଲା ପର୍ଯ୍ୟଟନ ଅଧିକାରୀ ମାଲେସ ପାତ୍ରୋ, ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପୂର୍ବଛାତ୍ର ଏକତ୍ରୀକରଣ



କାର୍ଯ୍ୟକ୍ରମରେ ଉପସ୍ଥିତ ପୂର୍ବତନ ଛାତ୍ରୀଛାତ୍ର।

ବୁଗୁଡ଼ା,୩୦।୧୦(କଳୀଚରଣ ଦାଶ)

ବୁଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ପୂର୍ବଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟ ଉତ୍ତମ କୁମାର ମହାରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଫୁଲବାଣୀ ବିଭାଗ ନିରୀକ୍ଷକ ପଦ୍ମନାଭ ସାମଲ, ପରିଚାଳନା ସମିତି ଉପସଭାପତି ଗୌରୀ ଶଙ୍କର ମିଶ୍ର, ସମ୍ପାଦକ ରମେଶ ଚନ୍ଦ୍ର ଆଲଟିଆ, କୋଷାଧ୍ୟକ୍ଷ ରଜତ କୁମାର ପୃଷ୍ଟି, ସଦସ୍ୟା ନମିତା ବେହେରା ଓ ସନ୍ତୋଷିନୀ ପାତ୍ର ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ଗୁରୁମା ସସ୍ମିତା ରାଉତଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପୂର୍ବଛାତ୍ର ଜୀବନ ସଂଗ୍ରାମ ହୋତା ବ୍ୟକ୍ତିଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ପୂର୍ବଛାତ୍ର ପରିଷଦ ଗଠନ କରାଯାଇଥିଲା। ଉକ୍ତ ପରିଷଦକୁ ଅଧ୍ୟକ୍ଷ ବିନାୟକ ପାଢୀ, ଉପାଧ୍ୟକ୍ଷା ୟୁ.ଦିବ୍ୟାନୀ ପାତ୍ର, ମନ୍ତ୍ରୀ ରେଶ୍ମା ପାତ୍ର, ଉପମନ୍ତ୍ରୀ ୟୁ. ଈଶ୍ୱରୀ ପାତ୍ର, ସେନାପତି ସିଦ୍ଧେଶ୍ୱର ନାୟକ, ଉପସେନାପତି ଭାବେ ଏସ୍. ସୋନାଲି ପାତ୍ର ମନୋନୀତ ହୋଇଥିଲେ। ପରିଶେଷରେ ଗୁରୁଜୀ ସଞ୍ଜୟ କୁମାର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ତାଲୁକ ଆଇନ ସେବା କମିଟି ପକ୍ଷରୁ ସଚେତନତା

ଛତ୍ରପୁର,୩୦।୧୦(ଦିଲୀପ ସାମଲ) : ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ମନୋରଞ୍ଜନ ଦାଶ ଏଥିରେ ପୌରୋହିତ୍ୟ କରିଥିଲେ।କର୍ମ କ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା ପ୍ରତିରୋଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଛତ୍ରପୁର ଏସଡିଜେଏମ ପ୍ରୀତିଶ କୁମାର ରଥ, ଛତ୍ରପୁର ବିଡ଼ିଓ ସୁଶାନ୍ତ କୁମାର ବରାଳ, ତାଲୁକ ଆଇନସେବା କମିଟିର ସଭ୍ୟ ତଥା ସରକାରୀ ଓକିଲ ମନୋଜ କୁମାର ପାଢି ପ୍ରମୁଖ ଯୋଗଦେଇ ଉପସ୍ଥିତ କର୍ମଚାରୀମାନଙ୍କୁ ବିଭିନ୍ନ ଆଇନ ସମ୍ବନ୍ଧରେ ସଚେତନ କରାଇଥିଲେ।

# ନଭେମ୍ବର ୨୯ରେ ଜି.ଉଦୟଗିରି ଏନ୍ଏସି ଅଧ୍ୟକ୍ଷ ନିର୍ବାଚନ

ଜି.ଉଦୟଗିରି,୩୦।୧୦(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଏନ୍ଏସି ଅଧ୍ୟକ୍ଷ ଆସନ ନିମନ୍ତେ ସୋମବାର ନିର୍ବାଚନ କମିଶନ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ନଭେମ୍ବର ୨୯ ତାରିଖ ସକାଳ ୮ ଘଣ୍ଟା ଠାରୁ ଅପରାହ୍ନ ୫ଟା ଯାଏ ମତଦାନ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ନଭେମ୍ବର ୯ ତାରିଖଠାରୁ ୧୧ତାରିଖ ଯାଏ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ ଟା ଯାଏ ପ୍ରାର୍ଥୀ ପତ୍ର ଦାଖଲ କରାଯିବ ଓ ଅପରାହ୍ନ ୫ଟାରେ ତାଲିକା ପ୍ରକାଶ ପାଇବ। ନଭେମ୍ବର ୧୩ ତାରିଖ ପୂର୍ବାହ୍ନ ୧୧ଟାରେ ପ୍ରାର୍ଥୀ ପତ୍ର ଯାଞ୍ଚ କରାଯିବ ଓ ନଭେମ୍ବର ୧୪ ତାରିଖରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ନଭେମ୍ବର ୧୬ ତାରିଖ ଅପରାହ୍ନ ୩ ଘଣ୍ଟା ସୁଦ୍ଧା ପ୍ରାର୍ଥୀ ପତ୍ର ପ୍ରତ୍ୟାହାରର ସମୟ ଥିବା ବେଳେ ୧୬ ତାରିଖ ଅପରାହ୍ନ ୫ ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ନଭେମ୍ବର ୨୯ରେ ନିର୍ବାଚନ ହୋଇ ୩୦ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ସୂଚନା ପ୍ରକାରେ, ଗତ ଜୁଲାଇରେ ଏନ୍ଏସି ଅଧ୍ୟକ୍ଷା ଭାନୁପ୍ରଭା ମିଶ୍ରଙ୍କ ବିୟୋଗ ପରେ ଏହି ଆସନଟି ଖାଲିଥିଲା। ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ କାର୍ଯ୍ୟ ସମ୍ପାଦନ କରୁଥିଲେ।

# ଅବ୍ୟବସ୍ଥା ଘେରରେ ନୂଆପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ଚିକିଟି,୩୦।୧୦(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ପଡି ରହିଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା, ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଓ ପ୍ରଶାସନିକ ଅବହେଳା କାରଣରୁ ରୋଗୀ ଠିକ୍ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ପରିଚାଳିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚାନ୍ଦପୁର, ଡଭାର, ବେଲପନ୍ତି, ବୈଦ୍ୟନାଳଶାସନ, ପତ୍ରପୁଡି, ବଳରାମପୁର, ଗଡଗୋବିନ୍ଦପୁର, ଧାନ୍ୟରାଶି ଏହିଭଳି ଚିକିଟି ଓ ଦିଗପହଣ୍ଡି ବ୍ଲକ୍‌ର ପ୍ରାୟ ୧୫ ରୁ ଉର୍ଦ୍ଧ୍ୱ ଗ୍ରାମର ୨୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରନ୍ତି। ତେବେ ଏଠାରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ଅନେକ ସମୟରେ ଲୋକମାନେ ନିରାଶ ହୋଇ ଘରୋଇ କିମ୍ବା ଝାଡ଼ଫୁଙ୍କମାନଙ୍କ ଉପରେ ନିର୍ଭର କରିବାକୁ ପଡୁଛି। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୁଇଟି ଡାକ୍ତର ପଦବୀ ସକାଶେ ନିୟମ ରହିଥିଲେ ସୁଦ୍ଧା ଜଣେ ମାତ୍ର ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ଜଣେ କୁକ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ସମ୍ପୂର୍ଣ୍ଣ ଭାବେ ଫାର୍ମାସିଷ୍ଟ, ୪ଜଣ ନର୍ସ, ଆଟେଣ୍ଡର ପଦବୀ ଖାଲିପଡିଛି। ପ୍ରତିଦିନ ଜଣେ କିମ୍ବା ଦୁଇ ଜଣ ଗର୍ଭବତୀ ପ୍ରସବ ପାଇଁ ଆସିଥିବା ବେଳେ ଜଣେ ହେଲେ ନର୍ସ ନଥିବାରୁ ସମସ୍ୟା ଭୋଗିବାକୁ ପଡୁଛି। ନୂଆପଡା ଅଞ୍ଚଳ ମ୍ୟାଲେରିଆ ଓ ହଇଜା ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ ହୋଇଛି। ପ୍ରତିବର୍ଷ ୧୦ରୁ ୧୫ ଜଣ ଏହି ଦୁଇ ରୋଗରେ ମୃତ୍ୟୁବରଣ ହେଉଥିବା କୁହାଯାଇଛି। ନଳକୂଅ, କୂଅ ଗୁଡିକରେ ବ୍ଲିଚିଂ ପାଉଡର ପକାଇବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଅପରପକ୍ଷରେ ମେଡିକାଲକୁ ଆସୁଥିବା ଜରୁରୀକାଳିନ ରୋଗୀଙ୍କୁ ଆବଶ୍ୟକ ସ୍ଥଳେ ଅନ୍ୟତ୍ର ନେବାପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା ନାହିଁ। ଫଳରେ ଏଠାରୁ ରୋଗୀମାନଙ୍କୁ ନେବା ପାଇଁ ଘରୋଇ ତଥା ଭଡା ଗାଡି ଖୋଜିବାକୁ ପଡୁଛି। ଏହିଭଳି ବିଭିନ୍ନ ସମସ୍ୟା ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଗଲେ ସୁଦ୍ଧା କୌଣସି ସୁଫଳ ମିଳୁନଥିବା ଅଞ୍ଚଳବାସି ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ ବେଳେ ସରକାରଙ୍କ ନିୟମ ଅନୁଯାୟୀ କର୍ମଚାରୀ ନିଯୁକ୍ତି ଦିଆଯାଇଛି। ଅନ୍ୟ କୌଣସି ସମସ୍ୟା ନେଇ ଅଭିଯୋଗ ଆସିନାହିଁ। ତଥାପି ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ଜିଲାପାଳଙ୍କ ଦ୍ୱାରା ମିଶନଶକ୍ତି କାଫେ ଉଦ୍‌ଘାଟିତ

ଶେରଗଡ,୩୦।୧୦(ସୂର୍ଯ୍ୟନାରାୟଣଦାଶ)

ଶେରଗଡ ଧୋବାଶଙ୍ଖ ପାର୍ଶ୍ୱରେ ଥିବା ନିୟନ୍ତ୍ରିତ ବଜାର ଗୃହରେ ମିଶନଶକ୍ତି ପକ୍ଷରୁ ଏକ କାଫେ ଓ ମିଶନଶକ୍ତି ହାଟକୁ ଉଦ୍‌ଘାଟନ କରାଯାଇଛି। ଜିଲାପାଳ ଦିବ୍ୟଜୋତି ପରିଡ଼ା, ଆରକ୍ଷୀ ଅଧିକ୍ଷକ ଜଗମୋହନ ମୀନା, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭି କିର୍ତ୍ତୀ ଭାସନ, ଶେରଗଡ ସମିତିସଭ୍ୟା ସବିତାରାଣୀ ଚୌଧୁରୀ, ବିଡିଓ ଶିବାଶିଷ ବରାଳ ଦୀପ ପ୍ରଜ୍ୱଳନ କରି ଏହି କାଫେ ଓ ହାଟକୁ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନ ସମୟରେ ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ, ଥାନାଅଧିକାରୀ ବରେନ୍ଦ୍ର ଶିଆଳ , ଅବନୀ କୁମାର ଦାଶ, ବଳରାମ ପାଢୀ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ମିଶନ ଶକ୍ତି କାଫେ ଶୁଭାରମ୍ଭ ପୂର୍ବରୁ ଶେରଗଡ ଉଦୟ ପ୍ରତାପ ଡିଗ୍ରୀ କଲେଜକୁ ଯାଇ ନିର୍ମାଣାଧିନ କୋଠରୀ, କୋଠରୀ ଗୁଡିକର ସୌନ୍ଦର୍ଯ୍ୟ କରଣ କାମ ଦେଖିଥିଲେ। ଉକ୍ତ ପରିଦର୍ଶନ ସମୟରେ କମିଟି ପକ୍ଷରୁ ବାସୁଦେବ ସ୍ୱାଇଁ, ପର୍ଶୁରାମ ସ୍ୱାଇଁ, ସୂର୍ଯ୍ୟନାରାୟଣ ଦାଶ, ବ୍ଲକ ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ଦାଶ, ଅଧିକାରୀମାନେ ଉପସ୍ଥିତ ଥିଲେ।

# କାର୍ତ୍ତିକ ପ୍ରଥମ ସୋମବାର, ଶୈବପୀଠ ବୁଢ଼ାଖୋଲ ଚଳଚଞ୍ଚଳ

ବୁଗୁଡ଼ା,୩୦।୧୦(କଳୀଚରଣ ଦାଶ)

କାର୍ତ୍ତିକର ପ୍ରଥମ ସୋମବାରରେ ପ୍ରସିଦ୍ଧ ଶୈବପୀଠ ବୁଦ୍ଧଖୋଲ ଚଳଚଞ୍ଚଳ ହୋଇ ଉଠିଛି। ସୋମବାର ପ୍ରାତଃକାଳରୁ ହିଁ ବୁଦ୍ଧଖୋଲ ଅଭିମୁଖେ ଭକ୍ତଙ୍କ ସୁଅ ଛୁଟିଥିଲା। ଶ୍ରଦ୍ଧାଳୁ ଭକ୍ତଙ୍କ ଠାକୁର ଦର୍ଶନ ସାଙ୍ଗକୁ ଯାନବାହାନ ରହଣିର ସୁବନ୍ଦୋବସ୍ତ କରାଯାଇଥିଲା। ବୁଦ୍ଧଖୋଲ ପାଦଦେଶରେ ଧାଡିକି ଧାଡି ଦୋକାନରେ ବିଭିନ୍ନ ପସରା ପଡିଥିବା ବେଳେ ଅନେକ ସ୍ଥାନରେ ଭୋଜି ଭାତର ଆସର ଜମିଥିଲା। ଏଥିରେ ବୁଦ୍ଧଖୋଲ ଉନ୍ନୟନ ସମିତିର ସଦସ୍ୟଗଣ ଏବଂ ସ୍ୱେଚ୍ଛାସେବୀମାନେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।



ଶୈବପୀଠରେ ଭକ୍ତଙ୍କ ଭିଡ଼।

**ଖଜୁରିପଡ଼ା,(ବିଦୁର ବେହେରା):** ସେହିପରି ଖଜୁରିପଡ଼ା ବ୍ଲକରେ ପ୍ରସିଦ୍ଧ ଶିବ ଶକ୍ତି ପୀଠ ବଲସକୁମ୍ପା, ଦୂତିପଡା, ସମ୍ବେପଦର୍, ନବଗୁବା, ଖଜୁରୀପଡ଼ାରେ ରହିଥିବା ଶିବ ମନ୍ଦିର ଗୁଡିକରେ ଭୋର୍ ସକାଳୁ ଶ୍ରଦ୍ଧାଳୁ ମାନେ ଦର୍ଶନ ପାଇଁ ଲମ୍ବା ଲାଇନ୍ ଲଗାଇଥିଲେ।

**ଆସିକା,(ସୁରେନ୍ଦ୍ର ନାଥ ସାହୁ):** ଆସିକା ସହର ତଥା ଆଖପାଖ ଗ୍ରାମାଞ୍ଚଳର ଶିବ ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଋଷିକୂଲ୍ୟା ନଦୀ ତଟବର୍ତ୍ତି ଅଞ୍ଚଳରେ ବିଜେ ଚନ୍ଦ୍ରକନ୍ତେଶ୍ୱର, ସୁବର୍ଣ୍ଣେଶ୍ୱର, ବାଲୁଙ୍କେଶ୍ୱର, ରାମେଶ୍ୱର, ତ୍ରିବିଧେଶ୍ୱର, ନର୍ମଦେଶ୍ୱର, ପୁଡୁଗେଶ୍ୱର, ନୀଳକଣ୍ଠେଶ୍ୱର ଆଦି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିଭଳି ଆସିକା ବ୍ଲକର ବାଲିସିରା ଓ ମୁନିଗାଡିସ୍ଥିତ ଶୈବ ପୀଠରେ ଗ୍ରାମାଞ୍ଚଳର ଶ୍ରଦ୍ଧାଳୁଙ୍କ ସମାଗମ ଲକ୍ଷ୍ୟ କରାଯାଇଥିଲା।

**ଗଞ୍ଜାମ,(ବିଦ୍ୟାଧର ସାହୁ):** ଗଞ୍ଜାମ ବ୍ଲକ ପଶ୍ଚିମାଭିମୁଖୀ ପ୍ରସିଦ୍ଧ ବଟେଶ୍ୱର ଶୈବପୀଠରେ କାର୍ତ୍ତିକ ମାସ ସୋମବାରରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ସେହିପରି ପ୍ରୟାଗିର ଅଳେଶ୍ୱର, ମାଳି ଜଗନ୍ନାଥପୁରର ବାଲି ଲୋକାନାଥ, କଲ୍ୟାଣପୁରର ରାମେଶ୍ୱର, ଦାମୋଦରପୁରର ଆଖଣ୍ଡଳମଣି, କରପଡ଼ାର ଟୋଲକେଶ୍ୱର, ବୋରିଗାଁର ଝାଡେଶ୍ୱର, ସାତୁଳିର ମକରେଶ୍ୱର, ଗଞ୍ଜାମର ଖଣ୍ଡେଶ୍ୱର, ରାମେଶ୍ୱର, କାଶୀ ବିଶ୍ୱନାଥ ପ୍ରମୁଖ ଶୈବପୀଠ ସମେତ ସମସ୍ତ ଦେବାଳୟ ଗୁଡ଼ିକରେ ଶ୍ରଦ୍ଧାଳୁ ମାନଙ୍କ ପ୍ରବଳ ଭିଡ଼ ଜମିଥିଲା।

कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, गोड्डा

ई–प्रोक्योरमेंट सूचना

ई–निविदा सूचना सं० – RCD/GODDA/1344/2023-24   दिनांक– 30/10/2023

1. निविदा आमंत्रित करने वाले अधिकारी के कार्यालय का नाम, पता एवं मो0 नं0 – कार्यपालक अभियंता, प0नि0वि0, पथ प्रमण्डल, गोड्डा मो0 नं0– 8987675852
2. वेबसाईट में ई–निविदा प्रकाशन की तिथि/समय – 07.11.2023 के अपराह्न 03:30 बजे से
3. प्री–बीड बैठक का दिनांक/समय– 14.11.2023 के पूर्वाह्न 11:30 बजे
4. ऑनलाईन निविदा प्राप्त करने की अन्तिम तिथि/समय– 23.11.2023 के दोपहर 12:00 बजे तक
5. ई–निविदा खोलने की तिथि/समय– 24.11.2023 के अपराह्न 12:30 बजे
6. ई–प्रोक्योरमेंट सेल का हेल्पलाईन सं० /दूरभाष सं० – 0651–2446007

कार्य की विवरणी :–

| क्र० | कार्य का नाम | प्राक्कलित राशि (लाख में) | बीड जमानत की राशि (लाख में) | परिमाण विपत्र का मूल्य (लाख में) | कार्य पूर्ण करने की अवधि |
|---|---|---|---|---|---|
| 1. | गोड्डा जिलान्तर्गत "मोहनपुर (NH-133 पर) से करमाटॉड पथ भाया सिन्नी–ईमलीटॉड पथ (कुल लंबाई– 20.64 कि0मी0) का चौड़ीकरण एवं मजबूतीकरण/पुनर्निर्माण कार्य। | 6029.76047 | 60.30 | 10,000/– | 16 माह |
| 2. | गोड्डा जिलान्तर्गत "घटियारी (टेसोबथान– महादेव बथान पथ पर)–रतनपुर– राजपोखर (सुंदर डैम) पथ (कुल लंबाई– 11.720 कि0मी0) का चौड़ीकरण एवं मजबूतीकरण/पुनर्निर्माण कार्य। | 3862.33683 | 38.63 | 10,000/– | 20 माह |
| 3 | पथ प्रमंडल, गोड्डा अन्तर्गत "सुन्दरपहाड़ी (NH-333A)–चंदना–दामा– जमकुदार– अगियामोड़ पथ (कुल लंबाई– 24.440 कि0मी0) का चौड़ीकरण एवं मजबूतीकरण/पुनर्निर्माण कार्य। | 7278.12153 | 72.79 | 10,000/– | 18 माह |

नोट :– 1. प्राक्कलित राशि घट–बढ़ सकती है।
2. विशेष जानकारी के लिये http://jharkhandtenders.gov.in पर देखा जा सकता है।

कार्यपालक अभियंता,
पथ प्रमण्डल, गोड्डा

PR 310186 Road(23-24).D

## ସଂକ୍ଷେପରେ

### ଆକ୍ରମଣ ମାମଲା, ଅଭିଯୁକ୍ତ ଗିରଫ

ଆସିକା,୩୦।୧୦(ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନଏସିର ହାଟପଦା ନିକଟରେ ସୋମବାର ପୋଲିସ ଏକ ଆକ୍ରମଣ ମାମଲାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଧରାକୋଟ ଥାନା ରେଡିଦାମୋଦରପଲ୍ଲୀ ଗ୍ରାମର ସୁରେନ୍ଦ୍ର ରେଡି । ତାଙ୍କ ବିରୋଧରେ ଆସିକା ଥାନାରେ ୬୫୯/୨୩ରେ ଏକ ମାମଲା ରୁଜୁ ହୋଇଛି। ଶନିବାର ରାତିରେ ସୁରେନ୍ଦ୍ର ଦାମୋଦରପଲ୍ଲୀ ଗ୍ରାମର ପଞ୍ଚୁ ରେଡିଙ୍କୁ ଏକ ଭଙ୍ଗା ବୋତଲରେ ଆକ୍ରମଣ କରିଥିଲେ। ଆହତ ପଞ୍ଚୁଙ୍କୁ ଚିକିତ୍ସା ଲାଗି ଆସିକା ଡାକ୍ତରଖାନାକୁ ନେଲା ବେଳେ ଅଭିଯୁକ୍ତ ପୁଣି ରାସ୍ତାରେ ଅଟକାଇ ତାଙ୍କୁ ଇଟାରେ ଆକ୍ରମଣ କରିବା ସହ ପୋଲିସରେ ଅଭିଯୋଗ ନ କରିବା ଲାଗି ତାଗିଦ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

### ବାଇକ୍ ଧକ୍କାରେ ଜଣେ ମୃତ

ଆସିକା,୩୦।୧୦ (ସୁରେନ୍ଦ୍ର ନାଥ ସାହୁ)

ଆସିକା-ଭଞ୍ଜନଗର ମୁଖ୍ୟରାସ୍ତାର ସହର ଉପକଣ୍ଠ କେ.ନୂଆପଲ୍ଲୀ ଗ୍ରାମ ନିକଟରେ ସୋମବାର ସନ୍ଧ୍ୟାରେ ବାଇକ ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଆସିକା ଥାନା ଅନ୍ତର୍ଗତ ଦେବଭୂମି ଗ୍ରାମର ଚନ୍ଦ୍ର ପ୍ରଧାନ (୫୫)। ଚନ୍ଦ୍ର ଆସିକାରୁ ଗାଁକୁ ଚାଲି ଚାଲି ଫେରୁଥିଲା ବେଳେ ବାଇକ ଧକ୍କା ଦେବାରୁ ଗୁରୁତର ହୋଇଥିଲେ। ତାଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

### ମାସକରେ ୩୬ ଜୁଆ ଆଡ୍ଡାରେ ଚଢ଼ାଉ

**୭ ଲକ୍ଷ ୭୪ ହଜାର ଟଙ୍କା ଜବତ**

ବ୍ରହ୍ମପୁର,୩୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ତରଫରୁ ଜୁଆ ଖେଳାଳିଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଡ୍ରାଇଭର୍ ଆରମ୍ଭ କରାଯାଇଥିଲା। ଜୁଆଖେଳରୁ ବିଭିନ୍ନ ଅପରାଧ ହେଉଥିବା ଯୋଗୁ ଖେଳାଳିମାନଙ୍କୁ ଧରିବା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିଲା। ଗତ ମାସକ ମଧ୍ୟରେ ବ୍ରହ୍ମପୁର ପୋଲିସ ଜିଲାରେ ମୋଟ ୩୬ଟି ଜୁଆ ଆଡ୍ଡା ଠାବ କରାଯାଇଛି। ମୋଟ ୭ ଲକ୍ଷ ୭୪ ହଜାର ୧୩୨ ଟଙ୍କା ପୋଲିସ ଜବତ କରିବା ୧୫ ଜଣଙ୍କୁ ଗିରଫ କରାଯାଇଛି। ଗୋଟିଏ କାର, ୪୧ଟି ବାଇକ ଓ ୭୮ଟି ମୋବାଇଲ ଜବତ ହୋଇଛି। ଆଗକୁ ଏହି ଧରପଗଡ ଜୋରଦାର କରାଯିବ ବୋଲି ଏସପି ଡ. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି।

# କୃଷ୍ଣସାରଙ୍କ ସୁରକ୍ଷା ଲୋଡ଼ା

## ଗଞ୍ଜାମ ଜିଲାରେ ବଢ଼ିଛି ମୃଗସଂଖ୍ୟା

ବ୍ରହ୍ମପୁର,୩୦।୧୦(ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲାରେ କୃଷ୍ଣସାର ମୃଗଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୧୨ ବର୍ଷ ଭିତରେ ୧୨୭୩ ମୃଗ ବଢ଼ିଛନ୍ତି। ମୃଗ ସଂଖ୍ୟା ବଢୁଥିଲେ ବି ସଚେତନତା ଓ ସୁରକ୍ଷା ଜରୁରୀ ବୋଲି ପରିବେଶବିତମାନେ କହିଛନ୍ତି। ବିଶେଷ କରି ଚରାବୁଲା ଅଞ୍ଚଳ ସଂକୁଚିତ ହେଉଥିବାରୁ ମୃଗଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି।

ଜିଲାର ଦକ୍ଷିଣ ଘୁମୁସର ବନଖଣ୍ଡର ଆସିକା ବନାଞ୍ଚଳ, ଭେଟନଇ ଅଞ୍ଚଳର ଜଗତିପାହାଡ, ଖଲ୍ଲିକୋଟ, ଆସିକା, ବୁଗୁଡା ଆଦି ଅଞ୍ଚଳରେ ବହୁ କୃଷ୍ଣସାର ମୃଗ ଅଛନ୍ତି। ଆସିକା, ବାଲିପଦର, ବୁଗୁଡା-ଆସିକା, ଖଲ୍ଲିକୋଟ-ଆସିକା ରାସ୍ତାର ଅନେକ ଗ୍ରାମାଞ୍ଚଳରେ ବିରଳ ପ୍ରଜାତିର କୃଷ୍ଣସାର ବିଚରଣ କରୁଛନ୍ତି। ବନ ବିଭାଗରୁ ମିଳିଥିବା ରିପୋର୍ଟ ଅନୁସାରେ ୨୦୧୧ରେ ହୋଇଥିବା ଗଣନା ବେଳେ ୧୭୮ଟି ଅଣ୍ଡିରା, ୪୩୮ ମାଈ ମୃଗ ଓ ୯୦ ଶାବକ ଏଭଳି ୭୦୬ ମୃଗ ଥିଲେ। ୧୦ବର୍ଷ ପରେ ୨୦୨୧ରେ ଏହି ସଂଖ୍ୟା ୧୭୭୩ରେ ପହଞ୍ଚିଥିଲା। ସେମାନଙ୍କ ମଧ୍ୟରେ ୫୪୩ ଅଣ୍ଡିରା, ୯୧୭ ମାଈ ଓ ୩୧୩ ଶାବକ ଥିଲେ। ୨୦୨୩ରେ ଗଣନା ବେଳେ ଅଣ୍ଡିରା ମୃଗ ୩୩୧, ମାଈ ମୃଗ ୧୩୬୬, ଶାବକ ୨୮୨ ଏଭଳି ସଂଖ୍ୟା ୧୯୭୯ରେ ପହଞ୍ଚିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ବର୍ଷକୁ ବର୍ଷ ମୃଗଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ସ୍ପଷ୍ଟ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କୃଷ୍ଣସାର ମୃଗମାନେ ଜଙ୍ଗଲ ଭିତରକୁ ଯିବେନାହିଁ। ସେମାନେ ସମତଳ ଅଞ୍ଚଳରେ ଚରାବୁଲା କରିବାକୁ ପସନ୍ଦ କରନ୍ତି। ହେଲେ ସେମାନଙ୍କ ଚରାବୁଲା ଅଞ୍ଚଳ ଏବେ ସଙ୍କୁଚିତ ହେବାରେ ଲାଗିଛି। କୃଷ୍ଣସାର ରହୁଥିବା ଅଞ୍ଚଳରେ ଅନେକ ବ୍ୟକ୍ତିଗତ ଜମି ରହିଛି। ସେହି ଜମିକୁ ମୃଗ ଚରିବାକୁ ଆସୁଥିବାବେଳେ ସେଠାରେ ଲୋକେ ତାର ବାଡ କରୁଛନ୍ତି। କେତେକ ଅଞ୍ଚଳରେ ଜମି ମାଫିଆମାନେ ଜମି କିଣି ପ୍ଲଟ କରି ବିକ୍ରି କରୁଛନ୍ତି। ତେଣୁ ସେମାନଙ୍କ ଚରାବୁଲା ଅଞ୍ଚଳ ଧୀରେ ଧୀରେ କମି ଆସୁଛି। ବନ ବିଭାଗ ପକ୍ଷରୁ ସୁରକ୍ଷା ପାଇଁ ସଚେତନତା, ମୃଗ ସୁରକ୍ଷା କମିଟି ଗଠନ, ପ୍ରଶିକ୍ଷଣ ପ୍ରଦାନ, ମୃଗ ପାଇଁ ଜଳ ସଂରକ୍ଷଣ, ଖାଦ୍ୟ ପାଇଁ ମିଡ ଚାଷ କରିବା, ସେମାନଙ୍କୁ ଲୁଣ ଦେବା, ମୃଗକୁ ସଂକ୍ରାମକ ରୋଗ ନ ହେବା ପାଇଁ ଆଖପାଖର ପଶୁମାନଙ୍କୁ ରୋଗ ପ୍ରତିଷେଧକ ଟିକା କରଣ କରିବା, ଜାତୀୟ ରାଜପଥ ପାର ହେବା ସମୟରେ ଦୁର୍ଘଟଣା ନ ହେବା ପାଇଁ ସ୍ପିଡ ବ୍ରେକର ନିର୍ମାଣ କରିବା, ଲୋକଙ୍କୁ ମୃଗ ସମ୍ବନ୍ଧରେ ଅବଗତ ସକାଶେ ବିଭିନ୍ନ ସୂଚନା ବୋର୍ଡ ବନ ବିଭାଗ ପକ୍ଷରୁ ଲଗାଇବା ଭଳି ପଦକ୍ଷେପ ନିଆଯାଉଛି। ଏ ସଂକ୍ରାନ୍ତରେ ଗଞ୍ଜାମ ଜିଲା କୃଷ୍ଣ ସାର ମୃଗ ପରିଚାଳନା କମିଟି ସଭାପତି ଅମୂଲ୍ୟ କୁମାର ଉପାଧ୍ୟାୟଙ୍କୁ ପଚାରିବାରୁ ସେ କହିଲେ, ଗଞ୍ଜାମ ଜିଲାର ୫ଟି ରେଞ୍ଜ ଅଧୀନରେ ଥିବା ୨୧ ସେକ୍ସନ, ୮୫ ବିଟ୍, ୭୦ ଗ୍ରାମର ୧୧୧୭.୪୮୧ ବର୍ଗ କିମି ପରିଧୀରେ ମୃଗମାନେ ବିଚରଣ କରୁଛନ୍ତି। ଦକ୍ଷିଣ ବନଖଣ୍ଡ ଅଞ୍ଚଳର ଆସିକା, ବୁଗୁଡା, ପୋଲସରା ବନାଞ୍ଚଳ, ଉତ୍ତର ବନଖଣ୍ଡର ଜଗନ୍ନାଥପ୍ରସାଦ ଏବଂ ବ୍ରହ୍ମପୁର ଡିଭିଜନର ଖଲ୍ଲିକୋଟ ଅଞ୍ଚଳରେ ସଦାସର୍ବଦା କୃଷ୍ଣସାର ମୃଗ ଦେଖିବାକୁ ମିଳୁଛି। ଭେଟନଇ ଅଞ୍ଚଳର ଜଗତିପାହାଡ ହେଉଛି କୃଷ୍ଣସାର ମୃଗମାନଙ୍କ ବିଚରଣର ଉତ୍ତମ ସ୍ଥାନ। ବର୍ତ୍ତମାନ ଏହି ସ୍ଥାନ ଏବେ ସୁରକ୍ଷିତ ନ ଥିଲା ଭଳି ମନେ ହେଉଛି। ଏହାର ଚାରିପଟେ ବ୍ୟକ୍ତିଗତ ମାଲିକାନା କିମ୍ବା ଦଖଲରେ ଥିବା ଅଞ୍ଚଳକୁ ମାଲିକମାନେ ତାର ବାଡ ଘେରି ଦେଲେଣି। ଗୋଟିଏ ପରେ ଗୋଟିଏ ଜମିକୁ ତାର ବାଡ ଆବଦ୍ଧ ହେବା ଫଳରେ କୃଷ୍ଣସାର ମୃଗ ପାଇଁ ଚରାବୁଲା ସୁରକ୍ଷିତ ହେଉନଥିବା ଦେଖିବାକୁ ମିଳୁଛି। ବର୍ଷା ଜଳ ଜମିରେ ରହିବା ଫଳରେ ମୃଗମାନେ ଏହି ଜଗତି ପାହାଡ ଉପରେ ବିଚରଣ କରିବା ଅଭ୍ୟାସ ରହିଛି। ଏହି ପାହାଡ଼ ପାଦ ଦେଶରେ ଏକତ୍ରିତ ହୋଇ ମୃଗମାନେ ରହୁଥିବାରୁ ପର୍ଯ୍ୟଟକମାନେ ବି ଏଠାକୁ ଆସୁଛନ୍ତି। ସେମାନଙ୍କ ଅଞ୍ଚଳ ସଂକୁଚିତ ହେବା ଦ୍ୱାରା ସେମାନଙ୍କ ପାଇଁ ବିପଦ ଆସିଛି। ଏ ସଂକ୍ରାନ୍ତରେ ଅନେକ ଥର ବନ ବିଭାଗ ଓ ପ୍ରଶାସନକୁ ଅବଗତ କରାଯାଇଛି। ଏଥି ପାଇଁ ରାଜନୈତିକ ବ୍ୟକ୍ତି ବିଶେଷ କିମ୍ବା ରାଜ୍ୟ ବା ଜିଲା ପ୍ରଶାସନ ଦୃଷ୍ଟି ଦେଲେ ବିରଳ କୃଷ୍ଣସାର ମୃଗଙ୍କ ସଂଖ୍ୟା ଆହୁରି ବଢ଼ିବ ବୋଲି ଉପାଧ୍ୟାୟ ପ୍ରକାଶ କରନ୍ତି। ସେହିପରି ଦକ୍ଷିଣ ବନଖଣ୍ଡର ଡିଏଫଓ ବିନୋଦ କୁମାର ଆଚାର୍ଯ୍ୟ କହିଥିଲେ ଯେ, ଲୋକଙ୍କ ସହଯୋଗ ରହିଥିବାରୁ ମୃଗ ସଂଖ୍ୟା ବଢ଼ିଛି। ମୃଗଙ୍କ ସୁରକ୍ଷା ପାଇଁ ଏକ ୱାଚ ଟାୱାର ନିର୍ମାଣ କରାଯାଇଛି। ଜାଗା ସଂକୁଚିତ ସମ୍ପର୍କରେ ଆସିକା ତହସିଲଦାରଙ୍କୁ କୁହାଯାଇଛି। ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଥିବା ଆଚାର୍ଯ୍ୟ କହିଛନ୍ତି।


ମୃଗମାନେ ଜମିରେ ବିଚରଣ କରୁଛନ୍ତି।



@ ରଶ୍ମିତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଲାଞ୍ଚ ମାମଲା: ତତ୍କାଳୀନ ଅମିନ ନିର୍ଦ୍ଦୋଷ

ବ୍ରହ୍ମପୁର,୩୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ସୋମବାର ଏକ ଲାଞ୍ଚ ଗ୍ରହଣ ମାମଲାର ୮ ବର୍ଷ ପରେ ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଉପଯୁକ୍ତ ପ୍ରମାଣ ଅଭାବରୁ ସେ ତତ୍କାଳୀନ ବେଲଗୁଣ୍ଠା ତହସିଲ ଅଧିନସ୍ଥ ଗାଙ୍ଗପୁର ରାଜସ୍ୱ ନିରୀକ୍ଷକ (ଆରଆଇ)ଙ୍କ କାର୍ଯ୍ୟାଳୟରେ ଅମିନ ଭାବେ କାମ କରୁଥିବା ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଅପୂର୍ବ ଗୌଡ଼ ନାମକ ଜଣେ ବ୍ୟକ୍ତି ନିଜ ଜମି ପଟ୍ଟା ପାଇଁ ବେଲଗୁଣ୍ଠା ତହସିଲରେ ଆବେଦନ କରିଥିଲେ। ଉକ୍ତ ଜମିର ମ୍ୟୁଟେଶନ ପାଇଁ ଗାଙ୍ଗପୁର ଆରଆଇଙ୍କୁ ନିର୍ଦ୍ଦେଶ ହୋଇଥିଲା। ଅଫିସରେ କାର୍ଯ୍ୟରତ ଅମିନ ପ୍ରଶାନ୍ତ ପଟ୍ଟନାୟକ ଉକ୍ତ କାମ ପାଇଁ ଆବେଦନକାରୀଙ୍କୁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଅପୂର୍ବ ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ୨୦୧୫ ନଭେମ୍ବର ୫ ତାରିଖରେ ଅପୂର୍ବ ଆରଆଇ ଅଫିସ ଯାଇ ଅମିନ ପ୍ରଶାନ୍ତଙ୍କୁ ୫ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ଭିଜିଲାନ୍ସ ଟିମ ଚଢ଼ାଉ କରି ଉକ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ ପ୍ରଶାନ୍ତଙ୍କୁ ଗିରଫ କରିଥିଲା। ମାମଲା ନମ୍ବର ୩୫/୧୫ ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପରେ ସେ ଜାମିନ ପାଇଥିଲେ। ମାମଲାର ବିଚାର ବେଳେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀମାନଙ୍କ ବୟାନରୁ ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ ତତ୍କାଳୀନ ଅମିନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ କିଶୋର ଚନ୍ଦ୍ର ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

# ତୀର୍ଥଯାତ୍ରାରେ ଯିବେ ୧୦୦୦ ବରିଷ୍ଠ ନାଗରିକ

## ଗଞ୍ଜାମ ଜିଲା

ବ୍ରହ୍ମପୁର,୩୦।୧୦
(ସ୍ମୃତି ରଞ୍ଜନ ମହାଲିକ)

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ଗଞ୍ଜାମ ଜିଲାରୁ ୧ ହଜାର ତୀର୍ଥ ଯାତ୍ରୀ ବ୍ରହ୍ମପୁର ରେଳ ଷ୍ଟେଶନଠାରୁ କନ୍ୟାକୁମାରୀ-ତ୍ରିଭେନ୍ଦ୍ରମ ଯାତ୍ରା କରିବେ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ରହ୍ମପୁରର ଗୁଡସରୋଡ ସ୍ଥିତ ଏକ ଘରୋଇ ସ୍କୁଲରେ ତୀର୍ଥ ଯାତ୍ରୀଙ୍କ ରହଣି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ତୀର୍ଥଯାତ୍ରୀଙ୍କ ନିମନ୍ତେ ଖାଇବା, ସ୍ୱାସ୍ଥ୍ୟ ପରୀକ୍ଷା ସମେତ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯାଇଛି। ଆସନ୍ତାକାଲି ତୀର୍ଥ ଯାତ୍ରୀମାନେ ଯାତ୍ରା କରିବାକୁ ଥିବା ବେଳେ ସୋମବାର ତୀର୍ଥ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଠିକ ଥିଲେ ସେମାନଙ୍କୁ ତୀର୍ଥ ଯାତ୍ରା ନିମନ୍ତେ ଅନୁମତି ଦିଆଯିବ। ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ବିଇଏମସି ଡେପୁଟି କମିଶନର ତଥା ଜିଲା ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ବିନୋଦ କୁମାର ବେହେରା, ଅତିରିକ୍ତ କମିଶନର ରମେଶ ହାଂସଦା ପ୍ରମୁଖ ଉପସ୍ଥିତ ଥିଲେ। ତୀର୍ଥ ଯାତ୍ରୀଙ୍କ ନିମନ୍ତେ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ଟାରେ ତୀର୍ଥ ଯାତ୍ରୀମାନେ ଯାତ୍ରା କରିବେ।


ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# କାର୍ଯ୍ୟରେ ନିଷ୍ଠା, ସ୍ୱଚ୍ଛତା ରହିବା ଆବଶ୍ୟକ: କୁଳପତି

ବ୍ରହ୍ମପୁର,୩୦।୧୦ (ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତୀୟ ଭିଜିଲାନ୍ସ ସଚେତନତା ସପ୍ତାହ ସିନେଟ ହଲଠାରେ ପାଳିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କୁଳସଚିବ ସଚ୍ଚିଦାନନ୍ଦ ନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଦାସ ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ନିଜ ନିଜ ବିଭାଗ ଓ କାର୍ଯ୍ୟପ୍ରତି ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଏହାସହ କାର୍ଯ୍ୟରେ ସମୟାନୁବର୍ତ୍ତିତା ହୋଇ ସ୍ୱଚ୍ଛତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ରେଜିଷ୍ଟ୍ରାର କର୍ମଚାରୀଙ୍କୁ ଦୁର୍ନୀତି ମୁକ୍ତ ହୋଇ ଦେଶଗଠନରେ ସମର୍ପିତ ହେବା ନିମନ୍ତେ ଶପଥ ପାଠ କରାଇଥିଲେ।

# ଟିପିଏସ୍ଓଡିଏଲ୍‌ର ଦୁର୍ନୀତି ନିବାରଣ ସପ୍ତାହ ପାଳନ

ବ୍ରହ୍ମପୁର,୩୦।୧୦(ସ୍ମୃତି ରଞ୍ଜନ ମହାଲିକ)

ଟିପିଏସଓଡିଏଲ ପକ୍ଷରୁ ସୋମବାରଠାରୁ ଆସନ୍ତା ୫ ତାରିଖ ଯାଏଁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ସଚେତନତା ସପ୍ତାହରେ ଦୁର୍ନୀତିକୁ ନା' କୁହନ୍ତୁ, ଦେଶ ପ୍ରତି ପ୍ରତିବଦ୍ଧ ରୁହନ୍ତୁ ନେଇ ଏକ ବାର୍ତ୍ତା ରହିଛି। ବ୍ରହ୍ମପୁର ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟାଳୟଠାରେ ଏହି ସଚେତନତା ସପ୍ତାହ ଉଦଘାଟିତ ହୋଇଯାଇଛି। ଏହି ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମରେ କଂପାନୀର ସମସ୍ତ ମୁଖ୍ୟ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେବେ। ଏଥିସହ ୧୦ଟି ପଞ୍ଚାୟତରେ ଜାଗରଣ ଶିବିର ଅନୁଷ୍ଠିତ ହେବ। ଶିବିର ମାଧ୍ୟମରେ ଉପଭୋକ୍ତା ତଥା ସାଧାରଣ ଲୋକଙ୍କୁ ସ୍ୱୀକୃତି ପ୍ରାପ୍ତ ଓ ଅଣସ୍ୱୀକୃତି ପ୍ରାପ୍ତ ବିଦ୍ୟୁତ ଦେୟ ପୈଠ ମାଧ୍ୟମରେ ସଚେତନ କରାଯିବ। ଏଥିସହ ନୂତନ ବିଜୁଳି ସଂଯୋଗ, ମିଟରିଂ ଓ ବିଲିଂ ଭଳି ପ୍ରସଙ୍ଗରେ ମଧ୍ୟ ସୂଚନା ଦିଆଯିବ। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ ଗର୍ଗ କହିଛନ୍ତି ଯେ, ତୃଣ ମୂଳ ସ୍ତରରୁ ଦୁର୍ନୀତୀ ନିବାରଣ ନେଇ କଂପାନୀ ନିଜର ପ୍ରତିବଦ୍ଧତା ଦେଖାଉଛି। କଂପାନୀ ଦୁର୍ନୀତୀ ବିରୋଧୀ ଲଢେଇ, ସ୍ୱଚ୍ଛତା ଆଧାରରେ କାର୍ଯ୍ୟ ସଂପାଦନ, ନୈତିକତାକୁ ପ୍ରୋତ୍ସାହନ ତଥା ଦକ୍ଷିଣ ଓଡିଶାର ଦୁର୍ନୀତି ମୁକ୍ତ ଭବିଷ୍ୟତକୁ ଅଧିକ ସୁଦୃଢ କରିବା ଲକ୍ଷ୍ୟ ନେଇ କାର୍ଯ୍ୟ ସଂପାଦନ କରୁଛି ବୋଲି ସେ କହିଛନ୍ତି।


କାର୍ତ୍ତିକ ମାସର ପ୍ରଥମ ସୋମବାର କମାପଲ୍ଲୀ ବୈଦ୍ୟନାଥେଶ୍ୱର ଠାରେ କ୍ଷୀରାଭିଷେକ କରାଯାଉଛି।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୪ ଗିରଫ

ବ୍ରହ୍ମପୁର,୩୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଅନ୍ତର୍ଗତ ଗୁରୁଣ୍ଡି ଗ୍ରାମରେ ବଳିଆ ଚୌଧୁରୀ ନାମକ ଜଣେ ଯୁବକଙ୍କୁ ଗତ ୨୮ ତାରିଖ ବିଳମ୍ବିତ ରାତିରେ ପ୍ରାଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୪ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଗୁରୁଣ୍ଡି ଗ୍ରାମର ମାଧବ ନାଇକ, ମନୋଜ ସେଠୀ, ସୁମନ ପାତ୍ର ଓ ଶଙ୍କର ସାହୁ। ପୂର୍ବ ଶତ୍ରୁତାରୁ ବଳିଆଙ୍କୁ ଭାବେ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା ବୋଲି ପୋଲିସ କହିଛି। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ୨୮ ତାରିଖ କୁମାର ପୂର୍ଣ୍ଣିମା ପାଇଁ ଗାଁ ଚଳଚଞ୍ଚଳ ଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବଳିଆଙ୍କୁ କେତେଜଣ ଯୁବକ ଧାରୁଆ ଅସ୍ତ୍ର ଏବଂ ଲୁହା ଛଡ଼ରେ ସଂଘବଦ୍ଧ ଘାତକ ଆକ୍ରମଣ କରିଥିଲେ। ବଳିଆଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିବା ପରେ ସେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୫୦୧/୨୩ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ବ୍ରହ୍ମପୁର ପ୍ରତିଯୋଗୀଙ୍କ ସଫଳତା

## ଇଷ୍ଟଜୋନସ୍ତରୀୟ ସ୍କେଟିଂ ପ୍ରତିଯୋଗିତା

ବ୍ରହ୍ମପୁର,୩୦।୧୦ (ତନୁଶ୍ରୀ ନାହାକ)

ସେଣ୍ଟ୍ରାଲ ବୋର୍ଡ଼ ଅଫ ସେକେଣ୍ଡାରୀ ଏଜୁକେଶନ ପକ୍ଷରୁ ଛତିଶଗଡ଼ ରାଇପୁରସ୍ଥିତ ସରୋନା କ୍ରିଷ୍ଣା ପବ୍ଲିକ ସ୍କୁଲରେ ହୋଇଥିବା ଇଷ୍ଟଜୋନ ସ୍ତରୀୟ ସ୍କୁଲ ସ୍କେଟିଂ ପ୍ରତିଯୋଗିତାରେ ବ୍ରହ୍ମପୁରର ୨ ସ୍କେଟର ନିଜ ନିଜ ବର୍ଗରେ ସଫଳତା ହାସଲ କରିଛନ୍ତି। ବ୍ରହ୍ମପୁର ଡିଏଭି ପବ୍ଲିକ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀ ଅନ୍ୱେଷା ବିଷୋୟୀ ୧୨ ବର୍ଷରୁ କମ୍ ୩୦୦ ମିଟର ଟ୍ରାଏଲରେ ସ୍ୱର୍ଣ୍ଣ ଓ ୧୦୦ ମିଟରରେ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ସହର ଉପକଣ୍ଠସ୍ଥ କ୍ଲୋରୋଫିଲ ସ୍କୁଲ ଛାତ୍ର ଆଶୁତୋଷ ପାଢ଼ୀ ୧୪ ବର୍ଷରୁ କମ ବାଳକ ବର୍ଗ ୩୦୦ମିଟର ଟ୍ରାଏଲ ରେସିଂରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶା ସମେତ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଆସାମର ବିଭିନ୍ନ ସିବିଏସଇ ସ୍କୁଲର ବହୁ ପ୍ରତିଯୋଗୀ ଯୋଗଦେଇଥିଲେ। ବ୍ରହ୍ମପୁରର ରୋଲାର ସ୍କେଟିଂ କ୍ଲବରୁ ୫ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶ ଗ୍ରହଣ କରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୨ ପ୍ରତିଯୋଗୀ ଆସନ୍ତା ମାସରେ ହରିୟାଣା ଠାରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି।



ପଦକ ବିଜୟୀ ପ୍ରତିଯୋଗୀ ଅନ୍ୱେଷା ବିଷୋୟୀ ଓ ଆଶୁତୋଷ ପାଢ଼ୀ ।

# ପୂର୍ବ ଶତ୍ରୁତା ମୁଖ୍ୟ କାରଣ, ୫ ଗିରଫ

## ଦୁନିଆ ସାହୁ ହତ୍ୟା ମାମଲା ପର୍ଦ୍ଦାଫାଶ

ବ୍ରହ୍ମପୁର,୩୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ନାରାୟଣପୁର ଗ୍ରାମରେ ଘଟିଥିବା ଦୁନିଆ ସାହୁ ହତ୍ୟା ମାମଲାର ପୋଲିସ ପର୍ଦ୍ଦାଫାସ କରିଛି। ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ପୂର୍ବ ଶତ୍ରୁତା ଓ ପୁଞ୍ଜୀଭୂତ ଅଶାନ୍ତିରୁ ପ୍ରତିଶୋଧ ପରାୟଣ ହୋଇ ଏହି ସୁପରିକଳ୍ପିତ ହତ୍ୟାକାଣ୍ଡ ଘଟିଛି। ମାତ୍ର ୭ହଜାର ଟଙ୍କା ବକେୟାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ପୋଲିସ ତଦନ୍ତରେ ଜଣାପଡିଛି। ଘଟଣାର ମାଷ୍ଟରମାଇଣ୍ଡ ଗୋଷାଣିନୁଆଗାଁ ଶାସ୍ତ୍ରୀନଗର ୩ୟ ଲାଇନର ସାଗର ପଣ୍ଡା, ଆମ୍ବମାର୍କେଟ୍ ଅଞ୍ଚଳର ସୁରେଶ ବେହେରା, ଟିକରପଡ଼ାର କୋରା ରାଉଳ, ନାରାୟଣପୁର ଗ୍ରାମର ଭିକୁ ଜେନା, ମୃତ ଦୁନିଆଙ୍କ ପଡ଼ୋଶୀ ଦୁର୍ଯ୍ୟୋଧନ ସ୍ୱାଇଁ ଓରଫ ପ୍ରଧାନଙ୍କୁ ମାମଲା ନଂ. ୫୧୦/୨୦୨୩ରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଠାରୁ ଦୁଇଟି ରକ୍ତଭିଜା କାତି, ରକ୍ତଭିଜା କପଡା ଓ ଦୁଇଟି ବାଇକ୍ ଜବତ କରାଯାଇଥିବା ବ୍ରହ୍ମପୁର ଏସପି ଡା.ସର୍ବଣା ବିବେକ ଏମ୍. ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ଦୁନିଆ ସମ୍ପର୍କରେ ତଥ୍ୟ ଯୋଗାଉଥିବା ଟିଲୁ ସ୍ୱାଇଁ ଫେରାର ଥିବା ଜଣାପଡିଛି। ଚିକେନ୍ କାଟିବା ପାଇଁ ଯେଉଁ କାତି ବ୍ୟବହାର ହେଉଛି ସେଭଳି କାତି ତିଆରି କରିଥିଲେ ଅଭିଯୁକ୍ତ। ହତ୍ୟାପଛରେ ପୂର୍ବଶତ୍ରୁତା ମୁଖ୍ୟ କାରଣ ବୋଲି ଏସପି ପ୍ରେସ ବିବୃତିରେ ଦର୍ଶାଇଛନ୍ତି।

ବିଭିନ୍ନ କାରଣକୁ ନେଇ ଦୁନିଆ ସାହୁ ଓ ଅଭିଯୁକ୍ତଙ୍କ ଭିତରେ ଶତ୍ରୁତା ଲାଗି ରହିଥିଲା। ଗତ ୨୫ତାରିଖରେ ଫାଷ୍ଟଗେଟ୍ ନିକଟରେ କୋରା ରାଉଳଙ୍କୁ କେତେଜଣ ଦୁର୍ବୃତ୍ତ ଅପହରଣ କରି ନେଇଥିଲେ। ଘଟଣାକୁ ନେଇ ତାଙ୍କର ସମ୍ପର୍କୀୟ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୋବାଇଲ୍ ନମ୍ବର ଟ୍ରକ୍ କରି ନୂଆବସଷ୍ଟାଣ୍ଡ ନିକଟରେ ପହଞ୍ଚିଥିଲା। ତେବେ ସେତେବେଳେ ତାଙ୍କ ସମ୍ପର୍କୀୟ ପୋଲିସକୁ ସହଯୋଗ କରି ନ ଥିଲେ। କୋରା ରାଉଳ ୭ହଜାର ଟଙ୍କା ବକେୟା ରହିଥିଲେ। ଯାହାକୁ ନେଇ ତାଙ୍କୁ ଅପହରଣ କରିନେଇଥିଲା ଦୁନିଆ ଏବଂ ତାଙ୍କୁ ମାଡ଼ ମଧ୍ୟ ମାରିଥିଲେ। କୋରାଙ୍କ ସମ୍ପର୍କୀୟ ୟୁପିଆଇରେ ୫ହଜାର ଟଙ୍କା ଦେବା ପରେ ତାଙ୍କୁ ଦୁନିଆ ଓ ସହଯୋଗୀମାନେ ଛାଡିଥିଲେ। ସେଠାରୁ ଆସିବା ପରେ ପ୍ରତିଶୋଧ ନିଆଁରେ ଜଳିଥିଲେ କୋରା । ଏହାପୂର୍ବରୁ ଅଭିଯୁକ୍ତ ଭିକୁ ଓ ତାଙ୍କ ପୁଅକୁ ମଧ୍ୟ ଦୁନିଆ ଆକ୍ରମଣ କରିଥିଲେ। କିନ୍ତୁ ସେମାନେ ଘଟଣାକୁ ନେଇ ଥାନାରେ ଏତଲା ନ ଦେଇ ପ୍ରତିଶୋଧ ନେବାକୁ ସୁଯୋଗ ଖୋଜୁଥିଲେ। ଆଗରୁ ସୁରେଶ ବେହେରା ଓ ସାଗର ପଣ୍ଡା, ପଡୋଶୀ ଦୁର୍ଯ୍ୟୋଧନ ସ୍ୱାଇଁ ଏବଂ ଭିକୁ ଜେନା ସହ ବ୍ୟକ୍ତିଗତ ଶତ୍ରୁତା ଲାଗି ରହିଥିଲା। ସମସ୍ତେ ଏକତ୍ରିତ ହୋଇ ଦୁନିଆକୁ ସବୁଦିନ ପାଇଁ ପାଇଁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ନାରାୟଣପୁର ଗ୍ରାମରେ ଦୁର୍ଯ୍ୟୋଧନଙ୍କ ଜଣେ ସହଯୋଗୀ ଟିଲୁ ଦୁନିଆ ଘରେ ଥିବା ଗତ ୨୭ ତାରିଖ ସନ୍ଧ୍ୟାରେ ସମସ୍ତଙ୍କୁ ସୂଚନା ଦେଇଥିଲେ। ଅଭିଯୁକ୍ତମାନେ ୩ଟି ବାଇକରେ ଯାଇ ପ୍ରଥମେ ଦୁନିଆଙ୍କୁ ହତ୍ୟା କରିବା ପରେ ତାଙ୍କ ମା' କୁନି ସାହୁ ଓ ସାନ ଭାଇ ଆଲୋକ ସାହୁଙ୍କୁ ମଧ୍ୟ ଘାତକ ଆକ୍ରମଣ କରିଥିଲେ। ଘଟଣାକୁ ନେଇ ଦୁନିଆଙ୍କ ବାପା ସୂର୍ଯ୍ୟ ସାହୁ ସଦର ଥାନାରେ ଏତଲା ଦେଇଥିଲେ।


ଗିରଫ ଅଭିଯୁକ୍ତ ସହ ଜବତ ମାରଣାସ୍ତ୍ର।

## ସଂକ୍ଷେପରେ

### ତୀର୍ଥଯାତ୍ରା ଗଲେ ୨ ବରିଷ୍ଠ ନାଗରିକ

ଆସିକା,୩୦।୧୦(ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନଏସି ଲକ୍ଷ୍ମଣପଲ୍ଲୀ ଗ୍ରାମର ୨ ବରିଷ୍ଠ ନାଗରିକ ଗୋବିନ୍ଦ ବିଶ୍ୱାଳ ଓ ପୁଷ୍ପାଞ୍ଜଳୀ ବିଶ୍ୱାଳ ସୋମବାର ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କନ୍ୟାକୁମାରୀ ଓ ତ୍ରିବେନ୍ଦ୍ରମ ଯାଇଛନ୍ତି। ମଧ୍ୟାହ୍ନରେ ଆସିକା ବ୍ଲକ କାର୍ଯ୍ୟାଳୟରେ ବିଡିଓ ଫକୀର ଚରଣ ପରିଡାଙ୍କ ଉପସ୍ଥିତିରେ ବ୍ଲକ ଅଧକ୍ଷା ତ୍ରିବେଣୀ ନାହାକ ଏହି ତୀର୍ଥଯାତ୍ରୀଙ୍କ ଗାଡିକୁ ସବୁଜ ପତାକା ଦେଖାଇଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ଏହି ତୀର୍ଥଯାତ୍ରୀଙ୍କୁ ବ୍ରହ୍ମପୁର ରେଳ ଷ୍ଟେଶନରେ ଜିଲା ପ୍ରଶାସନ ପକ୍ଷରୁ ଖୋଲା ଯାଇଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ସ୍ୱତନ୍ତ୍ର ପ୍ରକୋଷ୍ଠରେ ପହଞ୍ଚାଇ ଦିଆଯାଇଥିଲା ବୋଲି ବିଡିଓ କହିଛନ୍ତି।

### ତହସିଲଦାର ଭାବେ ଯୋଗଦେଲେ ଲୋପାମୁଦ୍ରା

ପୁରୁଷୋତ୍ତମପୁର,୩୦।୧୦(ହିମାଂଶୁ ମିଶ୍ର)

ପୁରୁଷୋତ୍ତମପୁରରେ ନୂତନ ତହସିଲଦାର ଭାବେ ଲୋପାମୁଦ୍ରା ରଥ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ସେ କାମାକ୍ଷନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆସିଷ୍ଟାଣ୍ଟ କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ଥିବା ତହସିଲଦାର ସନ୍ତୋଷ କୁମାର ସାହୁଙ୍କ ଗଞ୍ଜାମ ଜିଲା କ୍ରିଡା ବିଭାଗର ଓଏସ୍‌ଡି ଭାବେ ବଦଳି ହୋଇଛି।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ୪୭ ପଞ୍ଜୀକୃତ

ଜି.ଉଦୟଗିରି,୩୦।୧୦(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବ୍ଲକ ସଭାଗୃହରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୭ ଅଭିଯୋଗ ଆସିଥିଲା। ବିଶେଷକରି ଆବାସ ଯୋଜନା, ରାଶନ କାର୍ଡ, ରାସ୍ତା ସମସ୍ୟା, ଜମିଜମା, ପାଣି ସମସ୍ୟା, ଆର୍ଥିକ ସହାୟତା, ଶିକ୍ଷକ ବଦଳି ଆଦି ବିଷୟ ଉପରେ ଅଭିଯୋଗ ରହିଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ଆଶିସ ଈଶ୍ୱର ପାଟିଲଙ୍କ ସହିତ ଅତିରିକ୍ତ ଏସ୍‌ପି ବାସୁଦେବ ସ୍ୱାଇଁ, ବିଡିଓ ମନୋଜ କୁମାର ଦେବତା, ତହସିଲଦାର ରଞ୍ଜନ କୁମାର ସାହୁ ଓ ବିଭିନ୍ନ ବିଭାଗର ପଦାଧିକାରୀମାନେ ଯୋଗ ଦେଇଥିଲେ।

### ବାଇକ୍ ଚୋରି ମାମଲା, ଜଣେ କୋର୍ଟ ଚାଲାଣ

ଗୋପାଳପୁର,୩୦।୧୦(ନବୀନ ରାଜ ଆଚାରୀ)

ବାଇକ ଚୋରି କରିବା ଅଭିଯୋଗରେ ଗୋପାଳପୁର ଥାନା ପୋଲିସ ସୋମବାର ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ନାରାୟଣପୁର ଗ୍ରାମର ଶ୍ରୀଧର ବେହେରା (୨୦)। ଏହି ଥାନା ଅନ୍ତର୍ଗତ ପଥରା ଛକ ନିକଟରେ ସୋମବାର ପୋଲିସ ଯାଞ୍ଚ କରୁଥିବା ସମୟରେ ବାଇକ ଯୋଗେ ଶ୍ରୀଧର ଗ୍ରାମକୁ ଫେରୁଥିଲେ। ପୋଲିସ ଯାଞ୍ଚ ସମୟରେ ଶ୍ରୀଧର ବାଇକ କାଗଜ ପତ୍ର ଦେଖାଇ ପାରିନଥିଲେ। ପରେ ଥାନାରେ ଅଟକ ରଖି ପୋଲିସ ପଚାରଉଚରା କରିବା ବେଳେ ଗତ ୨୩ ତାରିଖରେ ଡୁରା ଗ୍ରାମର ବ୍ୟାଙ୍କ କୋଲନୀରେ ବାଇକ ଚୋରି କରିଥିବା ଜାଣାପଡ଼ିଥିଲା। ଏ ନେଇ ନଂ. ୪୨୧/୨୩ରେ ପୋଲିସ ଚୋରି ମାମଲାରେ ଶ୍ରୀଧରଙ୍କୁ ପୋଲିସ ଗିରଫ କରିବା ସହ ଚୋରିବାଇକ ଜବତ କରିଛି। ଶ୍ରୀଧର ନାଁରେ ବ୍ରହ୍ମପୁର ପୋଲିସ ଜିଲାର ବିଭିନ୍ନ ଥାନାରେ ମାମଲା ରହିଥିବା ନେଇ ପୋଲିସ ସୂଚନା ଦେଇଛି।

# ବର୍ଷା ନାହିଁ, ଜଳିବାକୁ ବସିଲାଣି ଧାନ ଫସଲ

## ଚିକିଟି ବ୍ଲକକୁ ମରୁଡ଼ି ଘୋଷଣା ଦାବି

ଚିକିଟି,୩୦।୧୦(ପ୍ରକାଶ ଚନ୍ଦ୍ର ସାହୁ)



ବର୍ଷା ଅଭାବରୁ ଜମିରେ ଧାନଗଛ ଶୁଖି ମରିଯିବାକୁ ବସିଛି।

ଚିକିଟି ବ୍ଲକରେ ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟି ଯୋଗୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି । ବିଳମ୍ବରେ ହେଲେ ମଧ ଦୁଇ ମାସ ତଳେ ହୋଇଥିବା ବର୍ଷାରେ ପ୍ରାୟ ଅଧିକାଂଶ ଜମିରେ ଧାନ ଚାଷ ହୋଇଥିଲା। କିନ୍ତୁ ବର୍ତ୍ତମାନ ବର୍ଷା ନ ହେବାରୁ ଜମି ଫାଟି ଆଁ କରିଥିବା ବେଳେ ଧାନଗଛ ଶୁଖି ମରିଯିବାକୁ ବସିଲାଣି। ଚାଷୀ ମଜୁରି ଦେଇ ଓ ସାର କିଣି ହତାଶ ହୋଇଥିବା ବେଳେ ଏବେ ପୁଣି ଧାର କରି କିରୋସିନ, ଡିଜେଲ ଓ ପାଣିପମ୍ପ ଟଙ୍କା ଦେଇ ଥକି ଗଲେଣି। ବର୍ତ୍ତମାନ ଧାନ ଗଛରୁ କେଣ୍ଡା ବାହାରୁଥିବା ବେଳେ ଜମିକୁ ପାଣି ମିଳୁନି । ମରୁଡି ପରିସ୍ଥିତିର ମୁକାବିଲା ପାଇଁ ଜିଲା କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉ ନ ଥିବା ସୁନୁପୁର, ଗିରିସୋଲା, ଝାଟିପଦର, ଚାନ୍ଦପୁର, ନୂଆପଡା, ଡଭାର ଆଦି ଗ୍ରାମର ଚାଷୀମାନେ ଅଭିଯୋଗ କରିଛନ୍ତି । ଉକ୍ତ ବ୍ଲକର ମୋଟ ୯୭୬୦ ହେକ୍ଟର ଜମିରେ ଧାନ ଚାଷ ରହିଥିବା ବେଳେ ୮୧୩୭ ହେକ୍ଟର ଜମିରେ ଜଳସେଚନର ସୁବିଧା ରହିଛି । ଆଉ ବଳକା ୧୬୨୩ ହେକ୍ଟର ଜମିରେ ସମ୍ପୂର୍ଣ୍ଣ ରୂପେ ବର୍ଷା ଉପରେ ନିର୍ଭରଶୀଳ । ଦୀର୍ଘ ଦୁଇ ମାସ ଧରି ବର୍ଷା ନ ହେବାରୁ ଜମି ଶୁଖି ଯାଇଛି। ବାଘଲଟି କେନାଲ ଦ୍ୱାରା ଚାନ୍ଦପୁର ପଞ୍ଚାୟତର ଚାନ୍ଦପୁର, ଦେଉଳିଆପଡା, ବାତରଡା, ବାଦୁଆ, ବଳରାମପୁର, ସୁନ୍ଦରଡା, ବେଲପନ୍ତି, ବୈଦ୍ୟନାଳଶାସନ ଆଦି ଅଞ୍ଚଳ ଜଳସେଚନର ବ୍ୟବସ୍ଥା ରହିଛି। ଅପରପକ୍ଷରେ ଲାଲମେଣ୍ଟା, କୁଟିଲିଙ୍ଗ, ରାମଚନ୍ଦ୍ରପୁର, ପିତାତଳି, କଳବାଡ ଆଦି ଅଞ୍ଚଳ ବାହୁଦା କେନାଲ ଉପରେ ନିର୍ଭର କରୁଥିଲେ ହେଁ ଠିକ ଭାବେ ପାଣି ଛଡ଼ା ଯାଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଚଳିତବର୍ଷ ବିଳମ୍ବରେ ବର୍ଷା ହେବାରୁ ଡେରି ହେଉ ପଛେ ରୁଆ ବେଉଷଣ କରିଥିଲେ । ବର୍ତ୍ତମାନ ଦୁଇ ମାସ ହେଲା ବର୍ଷାର ନାଁ ଗନ୍ଧ ନାହିଁ । ଅମଳ ହେଲେ ପୁରୁଣା କରଜ ଶୁଝି ମୁକ୍ତି ପାଇବେ ବୋଲି ଆଶା କରିଥିଲେ । ବର୍ତ୍ତମାନ ଚାଷୀ ଏଭଳି ପରିସ୍ଥିତିକୁ କିପରି ସାମ୍ନା କରିବେ ଚିନ୍ତାରେ ପଡିଯାଇଛନ୍ତି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଚିକିଟି ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରାଯାଉ ବୋଲି ଚାଷୀଙ୍କ ପକ୍ଷରୁ ଦାବି ହେଉଛି ।

# ଛତ୍ରପୁରରେ ହକି ଷ୍ଟାଡିୟମ କାର୍ଯ୍ୟକ୍ଷମ ଦାବି

## ହଷ୍ଟେଲ ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବ

ଛତ୍ରପୁର,୩୦।୧୦(ସନ୍ତୋଷ ପାଢ଼ୀ)

ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଏବଂ ବ୍ରହ୍ମପୁର ବିଧାୟକ ତଥା ଜିଲା ଯୋଜନା କମିଟିର ଅଧକ୍ଷ ବିକ୍ରମ ପଣ୍ଡା ରବିବାର ଛତ୍ରପୁର ଗୌରୀଶଙ୍କର କଲ୍ୟାଣ ମଣ୍ଡପରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିଲେ। ଛତ୍ରପୁର ସହରର ବିକାଶମୂଳକ ଉପରେ ବିଜେଡ଼ି ଯୁବ ଗୋଷ୍ଠୀ ବିଭିନ୍ନ ବିଷୟ ନେଇ ଆଲୋଚନା କରିଥିଲେ। ଛତ୍ରପୁରରେ ଅତ୍ୟାଧୁନିକ ହକି ଷ୍ଟାଡିୟମକୁ ଖୁବଶୀଘ୍ର କାର୍ଯ୍ୟକ୍ଷମ କରାଇବାକୁ କୁହାଯାଇଥିଲା। ସେହିପରି ଏକ ହକି ହଷ୍ଟେଲ ପ୍ରତିଷ୍ଠା କରାଯିବା ନିମନ୍ତେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନେଇ ବିଶଦ୍ ଆଲୋଚନା ହୋଇଥିଲା। ଛତ୍ରପୁର ହକିର ଅନ୍ତୁଡ଼ିଶାଳ ବୋଲି ବହୁ ପୂର୍ବରୁ କଥିତ ଅଛି। ହକି ଖେଳରେ ଛତ୍ରପୁରର ସୁନାମ ରାଜ୍ୟର ପ୍ରଥମ ସ୍ଥାନରେ ରହିଥିଲା। କ୍ରିକେଟ ଖେଳ ପାଇଁ ଏହାର ଆଦର ଏବେ ବହୁତ କମିଯାଇଛି । ହକିକୁ ଆଦୃତ କରିବା ଓ ବିକାଶମୁଖୀ କରିବା ନିମନ୍ତେ ହକି ହଷ୍ଟେଲର ଆବଶ୍ୟକ। ତେବେ ଛତ୍ରପୁରରେ ହକି ହଷ୍ଟେଲ ନ ଥିବା ପରିତାପର ବିଷୟ।

ଏ ସମ୍ପର୍କରେ ବିହିତ ପଦକ୍ଷେପ ନିଆଯିବ ବୋଲି ବ୍ରହ୍ମପୁର ବିଧାୟକ ପଣ୍ଡା କହିଛନ୍ତି। ସେହିପରି ଜିଲା ସଦରମହକୁମା ଛତ୍ରପୁର ଏନ୍‌ଏସିରେ ବିକାଶ ପଛରେ ପଡିଛି। ସମସ୍ତ ୧୪ଟି ୱାର୍ଡର ସର୍ବାଙ୍ଗୀନ ଉନ୍ନତି ସହ ଏନ୍‌ଏସିକୁ ମ୍ୟୁନିସିପାଲିଟିରେ ରୂପାନ୍ତର କରିବାକୁ ସାମାଜିକ କର୍ମୀ କେ. ସତ୍ୟନାରାୟଣ ରେଢ୍ଡୀ ଦାବି କରିଛନ୍ତି। ସମସ୍ତ ଭିତ୍ତିଭୂମି ଥିଲେ ମଧ ରାଜ୍ୟ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଛି। ଏ ଦିଗରେ ଧ୍ୟାନଦେବାକୁ ଉଭୟ ଏମ୍‌ପି ଓ ବ୍ରହ୍ମପୁର ବିଧାୟକଙ୍କୁ ସେ ଜଣାଇଛନ୍ତି। ଯୁବ ବିଜେଡି ସଭାପତି ଟି.ଚନ୍ଦ୍ରଶେଖର ରାଓ, ଛାତ୍ର ବିଜେଡି ସଭାପତି ପ୍ରଶାନ୍ତ ପଣ୍ଡା, ଛତ୍ରପୁର ବାର ଆସୋସିଏଶନର ସମ୍ପାଦକ ଏଲ୍.ଗୋପୀ, ବିଜେଡି ନେତା କିଶୋର ସେନାପତି, ହକି କ୍ରୀଡ଼ାବିତ ରବୀନ୍ଦ୍ର ସେନାପତି, ବାଦଲ ପାଣ୍ଡି, ବାବୁଲି ସାହୁ ପ୍ରମୁଖ ଆଲୋଚନାରେ ସହମତି ପ୍ରକାଶ କରିଥିଲେ।

# ଜଳ ସ୍ୱଚ୍ଛ ରହିଲେ ସ୍ୱାସ୍ଥ୍ୟ ସୁରକ୍ଷିତ ରହିବ

ଭଞ୍ଜନଗର, ୩୦ ।୧୦(ବାବୁଲା ପ୍ରଧାନ)



ସଚେତନତା କାର୍ଯ୍ୟକ୍ରମ ଚାଲିଛି।

- ଫଟୋରେ ସୀମିତ ନରହୁ ସ୍ୱଚ୍ଛତା କାର୍ଯ୍ୟକ୍ରମ
- ଗଙ୍ଗା ନଦୀ ସ୍ୱଚ୍ଛତାର ଉଦାହରଣ

ଭଞ୍ଜନଗର ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଜଳ ପ୍ରଦୂଷଣ ରୋକିବା ସହ ସ୍ୱଚ୍ଛ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ପରିସରରେ ସଫେଇ କାର୍ଯ୍ୟକ୍ରମ ସହ ଏକ ଶୋଭାଯାତ୍ରା ହୋଇଥିଲା। ଏହାପରେ ପାର୍କ ପରିସରରେ ପରିବେଶ ସୁରକ୍ଷା ଉପରେ ଏକ ସଚେତନତା ସଭା ହୋଇଥିଲା।ଅଧିକ୍ଷଣ ଯନ୍ତ୍ରୀ ରବିନ୍ଦ୍ର ନାଥ ସେଠୀ ବୈଠକରେ ଅଧକ୍ଷତା କରିଥିଲେ। ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଫୋଟରେ ସୀମିତ ନରହୁ । ଜଳ ସ୍ୱଚ୍ଛ ରହିଲେ ସ୍ୱାସ୍ଥ୍ୟ ସୁରକ୍ଷିତ ରହିବ, ଗଙ୍ଗା ନଦୀ ସ୍ୱଚ୍ଛତାର ଉଦାହରଣ ପାଲଟିଛି। ଜନସଂଖ୍ୟା, କଳ କାରଖାନା ବୃଦ୍ଧି ସମେତ ଅନ୍ୟାନ୍ୟ କାରଣ ଯୋଗୁ ଜଳ ଆଜି ପ୍ରଦୂଷିତ ହେଉଛି। ତେଣୁ ଜଳ ପ୍ରଦୂଷଣକୁ ରୋକିବାକୁ ହେବ। ନିଜ ଘର ସଫା ରଖିବା ସହ ଆମ ଅଞ୍ଚଳର ପରିବେଶ କିଭଳି ସ୍ୱଚ୍ଛ ରହିବ ସେଥିପ୍ରତି ସମସ୍ତେ ଦୃଷ୍ଟି ଦେବାକୁ ପଡିବ ବୋଲି ବୈଠକରେ ଯୋଗଦେଇ ବକ୍ତାମାନେ ମତ ବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସଂଜୀବ କୁମାର ଦାସ ଶର୍ମା ଏବଂ ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ବିଜ୍ଞାନ କୁମାର ସାହୁ ଯୋଗ ଦେଇଥିଲେ। ସରପଞ୍ଚ ଶିବରାମ ସାହୁ, ପାଣି ପଞ୍ଚାୟତ ସଭାପତି ଧନୁ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭଞ୍ଜନଗର ସହକାରୀ ନିର୍ବାହୀଯନ୍ତ୍ରୀ ସୁମା ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁ ସଭାକୁ ସଂଯୋଜନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି ଆର୍ମି, ଗଣ ଯୋଗାଯୋଗ ଏବଂ ଡିଏଭି ସ୍କୁଲ ଛାତ୍ରୀଛାତ୍ର ଭାଗ ନେଇଥିଲେ।

### ଜମି ନିରୂପଣ ପାଇଁ ତାଲିମ

ଧରାକୋଟ, ୩୦।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ଧରାକୋଟ ବ୍ଲକ ପଞ୍ଚାୟତ ସମିତି ସଭା ଗୃହରେ ଭିଡିଓ କନଫରେନ୍ସ ମାଧ୍ୟମରେ ଖରିଫ ବାଣିଜ୍ୟକ ଋତୁ ୨୦୨୩/୨୪ ବର୍ଷ ପାଇଁ ଧାନ ସଂଗ୍ରହ ନିମନ୍ତେ ସନ୍ଦେହ ଜନକ ଜମି ନିରୁପଣ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଓ ଡେନିସ ବେହେରା, ଅତିରିକ୍ତ ବିଡିଓ ସୁଶୀଲ ପଟନାୟକ, ଯୋଗାଣ ନିରୀକ୍ଷକ ସଞ୍ଜୟ ମଲିକ, ବିପିଏ ବିଷ୍ଣୁ ପ୍ରସାଦ ବେହେରା, ବିପିଏମ ପ୍ରତାପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ। ବ୍ଲକ ଅନ୍ତର୍ଗତ ସମସ୍ତ ସମବାୟ ସମିତି ସମ୍ପାଦକ, ଏସ୍‌ହେଚ ଜି ସଭାନେତ୍ରୀ, ସମ୍ପାଦିକାମାନେ ଉପସ୍ଥିତ ରହି ତାଲିମ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଧରାକୋଟ ବ୍ଲକରେ ୧୯ କେନ୍ଦ୍ରରେ ଚଳିତ ବର୍ଷ ଚାଷୀଙ୍କଠାରୁ ଧାନ କ୍ରୟ ପାଇଁ ବ୍ୟବସ୍ଥା କରାଯାଇଛି।

# ବୁଢ଼ାମ୍ବରେ ପୌରାଣିକ ନାଟକ



ନାଟକ ଉଦ୍‌ଘାଟନ କରୁଛନ୍ତି

କବିସୂର୍ଯ୍ୟନଗର,୩୦।୧୦(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବୁଢ଼ାମ୍ବଠାରେ ଅମରନାଥ ଯୁବକ ସଂଘ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଆୟୋଜିତ ହୋଇଛି। ଏହି ଅବସରରେ ପୌରାଣିକ ନାଟକ " ସୁନାପୁଅ ଲାଗି ଝୁରେ ଅଯୋଧ୍ୟା ବା ଶ୍ରୀରାମ ଭକ୍ତ ମାରୁତି " ମଞ୍ଚସ୍ଥ ହୋଇଥିଲା। ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା ଏହାର ଉଦଘାଟନ କରିଥିଲେ । ପଣ୍ଡାଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କଳା, ସଂସ୍କୃତି, ଐତିହ୍ୟ ଭଲ ପାଉଥିବା ଏ ମାଟିକୁ ସେ ପ୍ରଶଂସା କରିବା ସହ ଆୟୋଜକ, ପରିଚାଳନା କମିଟିକୁ ସାଧୁବାଦ ଜଣାଇଥିଲେ । ସେହିପରି ହରିଜନ ସାହିରେ ମା ଦୁର୍ଗା ଯୁବକ ସଂଘ ପକ୍ଷରୁ ଆୟୋଜିତ ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପଣ୍ଡା ଉଦଘାଟନ କରିବା ସହ ଗ୍ରାମରେ ଶାନ୍ତି, ମୈତ୍ରୀ, ପ୍ରଗତି ଓ ଭାଇଚାରା ବଜାୟ ରଖିବାକୁ ଅନୁରୋଧ ରଖିଥିଲେ।

# ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,୩୦।୧୦(ଗିରିଧାରୀ ପରିଛା)

ନୂଆଗଡ ବ୍ଲକ ଅନ୍ତର୍ଗତ ତାଙ୍ଗେଲି ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଓ ଜିଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍.କୁମାର ଯୋଗଦାନ କରି ତାଙ୍ଗେଲି ସମେତ ପୁତୁରୁପଡ଼ା, ବେତାରସିଂ ଓ ଅତାରସିଂ ଗ୍ରାମ ପଞ୍ଚାୟତର ସମୁଦାୟ ମୋଟ ୮୦ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୨୨,ଗ୍ରାମ ଭିତ୍ତିକ ସମସ୍ୟା ୫୮ ଓ ୩ ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି। ୩ ଜଣଙ୍କୁ ମୁଖ୍ୟ ମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ଜଳ ସେଚନ, ଗୃହ ନିର୍ମାଣ, ରାସନ କାର୍ଡ, ମନରେଗା, ଶିକ୍ଷା, ମୋ ଘର ଯୋଜନା, ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ପଞ୍ଚାୟତ ସମିତି ଅଧକ୍ଷା ମାଳତୀ ପ୍ରଧାନ, ନୂଆଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ସ୍ଥାନୀୟ ସରପଞ୍ଚ, ତହସିଲଦାର ଜନ ଅଭିଯୋଗ ଶୁଣାଣି ନୋଡାଲ ଅଧିକାରୀ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### କୁକୁର କାମୁଡ଼ାରେ ୧୧ ଆହତ

ବୁଗୁଡ଼ା,୩୦।୧୦(କଳୀଚରଣ ଦାଶ)

ବୁଗୁଡ଼ା ଅଞ୍ଚଳରେ ସୋମବାର ଏକ ପାଗଳ କୁକୁର କାମୁଡ଼ାରେ ୫ ଜଣ ମହିଳାଙ୍କ ସମେତ ୧୧ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଚିଲିଖମା ଗ୍ରାମର ବାବୁଲା ପ୍ରଧାନ, ବେତାରସିଂ ଗ୍ରାମର ଧିରେନ୍ଦ୍ର ପରିଡା, ଜଗତପାଟଣାର ପାଣ୍ଡି ବେହେରା, ଗୋଳାବନ୍ଧ ଗ୍ରାମର ଜ୍ୟୋତ୍ସ୍ନା ଗୌଡ, ଖଇରାଛଟା ଗାଁର ଦିପକ ଗୌଡ, ବୁଗୁଡ଼ାର ଶାନ୍ତନୁ କୁମାର ପ୍ରଧାନ, ଅଂଶୁ ନାୟକ, ସୁରେନ୍ଦ୍ର ବାଡତ୍ୟା, ଶୁଭସ୍ମିତା ମହାରଣା ଓ ପ୍ରିୟା ସରକାର। ସମସ୍ତେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ପାଗଳା କୁକୁରଟି ପ୍ରଥମେ ଚିଲିଖମା ଗାଁରେ, ତା'ପରେ ଗୋଳାବନ୍ଧ ଓ ବେତାରସିଂ ଗ୍ରାମରେ କାମୁଡିବା ପରେ ବୁଗୁଡ଼ାର ବୁଦ୍ଧଖୋଲ ଛକରେ ଅନେକ ଲୋକଙ୍କ ଗୋଡକୁ କାମୁଡି ଥିଲା।

# ୧୭୧ ଅଭିଯୋଗ ଶୁଣିଲେ ଜିଲାପାଳ

ଶେରଗଡ,୩୦।୧୦(ସୂର୍ଯ୍ୟନାରାୟଣ ଦାଶ)




ଜିଲାପାଳ ସହାୟତା ବଣ୍ଟନ କରୁଛନ୍ତି।

ଶେରଗଡ ବ୍ଲକରେ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାପାଳ ଦିବ୍ୟଜୋତି ପରିଡା, ଆରକ୍ଷୀ ଅଧିକ୍ଷକ ଜଗମୋହନ ମୀନା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କାର୍ଯ୍ୟ ନିର୍ବାହୀ ଭି କିର୍ତ୍ତୀ ଭାସନ ଯୋଗଦେଇ ବ୍ଲକର ୧୭୧ ଅଭିଯୋଗ ଶୁଣିଥିଲେ। ଭଞ୍ଜନଗର ଉପଜିଲାପାଳ ଅନୀଲ ସେଠୀ, ଛତ୍ରପୁର ଡେପୁଟି କଲେକ୍ଟର ଦିପ୍ତୀ ମୟୀ ପାତ୍ର, ବିଡିଓ ଶିବାଶିଷ ବରାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ବ୍ଲକର ବିଭିନ୍ନ ଗ୍ରାମର ରାଶନ କାର୍ଡ, ଆବାସ ଯୋଜନା, ସ୍ୱାସ୍ଥ୍ୟ ସଂପର୍କିତ ସହାୟତା ସମ୍ପର୍କରେ ଦରଖାସ୍ତ କରିଥିଲେ। ଶେରଗଡର ଶୁଭମ ବେହେରାଙ୍କୁ ୨୫ହଜାର, ନିରଞ୍ଜନ ଗୌଡଙ୍କୁ ୫ ହଜାର, କରଡାକଣାର ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କୁ ୩ ହଜାର, ନରସିଂହ ରାଓଙ୍କୁ ୫ହଜାର ସହାୟତା ଚେକ ଆକାରରେ ଜିଲାପାଳ ପ୍ରଦାନ କରିଥିଲେ। ୭ଜଣଙ୍କୁ ମଧୁବାବୁ ପେନ୍‌ସନ ଓ ୨ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣୀ ସମୟରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଅବିଦା ପରୱିନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାସ, ଜିଲା ଯୋଗାଣ ଅଧିକାରୀ ପୁଷ ମୁଣ୍ଡା, ସହକାରୀ ଜିଲା ସ୍ୱାସ୍ଥ ଅଧିକାରୀ ଶିତାଂଶୁ ଶେଖର ଶତପଥୀ, ସହକାରୀ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ହରଭଙ୍ଗା ଜଳସେଚନ ନିର୍ବାହୀ ଯନ୍ତ୍ରୀ ଅନିଲ ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ସାହୁ, ସହକାରୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ ବନୋଜ କାନ୍ତ ସେଠୀ, ସହକାରୀ ଯନ୍ତ୍ରୀ ନାଳ ନର୍ଦ୍ଦମା ବେଣୁଗୋପାଳ ବେହେରା, ତହସିଲଦାର ତ୍ରିଦେବ ରଥ, ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ ସରପଞ୍ଚ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

# ସ୍ୱଳ୍ପ ସଞ୍ଚୟ ସଚେତନତା ରଥ ଶୁଭାରମ୍ଭ

ଛତ୍ରପୁର,୩୦।୧୦(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ)/ପାରଳାଖେମୁଣ୍ଡି(ଗିରିଧାରୀ ପରିଚ୍ଛା)/ ଫୁଲବାଣୀ (ରାକେଶ କୁମାର ରାଉତ)




ଛତ୍ରପୁରରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍ ରଥକୁ ସବୁଜ ପତାକା ଦେଖାଉଛନ୍ତି।

ଗଞ୍ଜାମ ଜିଲାସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଅବସରରେ ସୋମବାର ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ସଚେତନତା ରଥ ବାହାରିଥିଲା। ଏହାକୁ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ମିତବ୍ୟୟୀ ହେବା ସଞ୍ଚୟକୁ ଅଭ୍ୟାସରେ ପରିଣତ କରିବା ବୋଲି କହିଥିଲେ। ଜମାରାଶି ନିର୍ଭରଯୋଗ୍ୟ ସଂସ୍ଥାରେ ବିନିଯୋଗ କରନ୍ତୁ ବୋଲି ଆର୍ଥିକ ସେବା ଓ ସଞ୍ଚୟ ସଙ୍ଗଠନ ବିଭାଗର ସହ ନିର୍ଦ୍ଦେଶକ ଧ୍ରୁବ ଚରଣ ନାୟକ କହିଥିଲେ। ସଚେତନତା ରଥର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ପରିଚାଳନା କରିଥିବାବେଳେ ରାଜ୍ୟ ସ୍ୱଳ୍ପ ସଞ୍ଚୟ ଉପନିର୍ଦ୍ଦେଶକ ଶଙ୍କର୍ଷଣ ପଟ୍ଟନାୟକ, ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘର ସଭାପତି ଅଶ୍ୱିନୀ କୁମାର ପଟ୍ଟନାୟକ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱଳ୍ପ ସଞ୍ଚୟ ଅଭିକାର୍ତ୍ତାଙ୍କ ଉପ ସଭାପତି ସତ୍ୟନାରାୟଣ ସାହୁ କୋଷାଧକ୍ଷ ବିନୋଦ କୁମାର ରାଉତ, ପୁରୁଷୋତ୍ତମ ଟର୍ଚ୍ଚି, ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ପି. ପ୍ରଭାକର, ସୀମାଞ୍ଚଳ ସାହୁ, କ୍ଷୀରୋଦ ଚନ୍ଦ୍ର ରଥ, ସଦାଶିବ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗଜପତି ଜିଲା ପ୍ରଶାସନ ଓ ଜିଲା ସଞ୍ଚୟ ଓ ଆର୍ଥିକ ସେବା କାର୍ଯ୍ୟାଳୟ ପକ୍ଷରୁ ସ୍ୱଳ୍ପ ସଞ୍ଚୟର ଉପକାରିତା ସମ୍ବନ୍ଧରେ ଲୋକଙ୍କୁ ସଚେତନ ପାଇଁ ବାହାରିଥିବା ରଥକୁ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଶୁଭାରମ୍ଭ କରିଛନ୍ତି। ଜିଲା ସ୍ୱଳ୍ପ ସଞ୍ଚୟ ତଥା ବିତ୍ତୀୟ ସମାବେଶନ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମଇ, ସ୍ୱଳ୍ପ ସଞ୍ଚୟ ପ୍ରତିନିଧିଗଣ, ସ୍ୱଳ୍ପ ସଞ୍ଚୟ ବିଭାଗର କର୍ମଚାରୀ ଅଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ସେହିପରି ଫୁଲବାଣୀରେ ଜିଲା ପ୍ରଶାସନ, ସଞ୍ଚୟ ଓ ଆର୍ଥିକ ସେବା ବିଭାଗର ମିଳିତ ଆନୁକୂଲ୍ୟରେ ବିଶ୍ୱ ମିତବ୍ୟୟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଞ୍ଚୟ ରଥ କନ୍ଧମାଳ ଜିଲା ପରିକ୍ରମା କରି ଲୋକମାନଙ୍କୁ ମିତବ୍ୟୟ ଓ ସଂଚୟ ଅଭ୍ୟାସ ଉପରେ ସଚେତନତା କରିବ। ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ ଏହି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉପ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ଫୁଲବାଣୀ ବିଡିଓ ପ୍ରତୀକ୍ କୁମାର ସାହୁ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ଦୁର୍ନୀତି ନିବାରଣ ଶପଥ ପାଠ

ଗଞ୍ଜାମ,୩୦।୧୦(ବିଦ୍ୟାଧର ସାହୁ)



ଆସିକା ବିଜ୍ଞାନ କଲେଜରେ ଛାତ୍ରୀଛାତ୍ର ଶପଥ ପାଠ କରୁଛନ୍ତି।

ଗଞ୍ଜାମ ମହାବିଦ୍ୟାଳୟ ପରିସରରେ ଅଧକ୍ଷ, ଦର୍ଶନ ଶାସ୍ତ୍ର ବିଭାଗର ପ୍ରାଧ୍ୟାପକ ସୀମାଞ୍ଚଳ ଭୋଳଙ୍କ ସଭାପତିତ୍ୱରେ ସୋମବାର ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଅଧକ୍ଷ ସୀମାଞ୍ଚଳ ଏହି ସପ୍ତାହର ମହତ୍ୱ ବିଷୟରେ ଆଲୋଚନା ପୂର୍ବକ ବିଭିନ୍ନ ପ୍ରକାର ଦୁର୍ନୀତିଠାରୁ ଦୂରେଇ ରହିବା ସହ ଦୁର୍ନୀତି ନିବାରଣ ନିମନ୍ତେ ଶପଥ ପାଠ କରାଇଥିଲେ। ଏହି ସଭାରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ତଥା ଷ୍ଟାଫ୍ କାଉନସିଲ୍ ସେକ୍ରେଟାରୀ ଲକ୍ଷ୍ମୀ ନାରାୟଣ ପଣ୍ଡା, ରାଜନୀତି ବିଭାଗର ମୁଖ୍ୟ ତଥା ନାକ୍ କୋର୍ଡିନେଟର ଅମର ପ୍ରସାଦ ବିଷୋୟୀ, ଏକାଡେମୀକ୍ ବର୍ଷାର ରଜନୀକାନ୍ତ ପଟ୍ଟନାୟକ, ଇଂରାଜୀ ବିଭାଗର ମୁଖ୍ୟ ତଥା ଆଇକ୍ୟୁଏସ୍‌ଇ ସଂଯୋଜିକା ଡଃ ସ୍ୱର୍ଣ୍ଣଲତା ହୋତା, ଆଡମିନଷ୍ଟ୍ରେଟିଭ ବର୍ଷାର ମମତା ପାଢ଼ୀ, ଆକାଉଣ୍ଟାଣ୍ଟ ବର୍ଷାର ଡଃ ଦୁର୍ଗା ପ୍ରସାଦ ଦାଶ ମଞ୍ଚାସିନ ଥିଲେ। ଏହି ବୈଠକରେ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପିକା ପ୍ରାଧ୍ୟାପକ, ଅଧ୍ୟାପିକା ଅଧ୍ୟାପକ ଏବଂ ଅଣଶିକ୍ଷକ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

**ଭଞ୍ଜନଗର,(ବାବୁଲା ପ୍ରଧାନ):** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ସୋମବାର କଲେଜ କର୍ମଚାରୀ ଏବଂ ଛାତ୍ରୀ ଛାତ୍ର ମାନେ ଯୋଗ ଦେଇ ଦୁର୍ନୀତି ନକରିବା ପାଇଁ ଶପଥ ନେଇଥିଲେ। ଅଧକ୍ଷ ରାଜେନ୍ଦ୍ର ଦାସ ଏଥିରେ ଅଧକ୍ଷତା କରିଥିଲେ। ଅଧ୍ୟାପକ ଅମିୟ ରଞ୍ଜନ ପଣ୍ଡା ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ସେହିଭଳି ଭଞ୍ଜନଗର ବ୍ଲକରେ ମଧ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ବିଡିଓ ଶଶୀଭୂଷଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ।

**ଧରାକୋଟ(ବିଷ୍ଣୁ କେଶରୀ ଆଚାର୍ଯ୍ୟ):** ଧରାକୋଟ ବ୍ଲକ ସଭାଗୃହଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଡେନିସ ବେହେରା, ଅତିରିକ୍ତ ବିଡିଓ ସୁଶିଲ ପଟନାୟକ, ସିଡିପିଓ ସୁନୀଲ ପ୍ରଭା ରଥ, ଯୋଗାଣ ନିରୀକ୍ଷକ ସଞ୍ଜୟ ମଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, ବିପିଏମ ପ୍ରତାପ ସ୍ୱାଇଁ, ସମସ୍ତ କନିଷ୍ଠ ଯନ୍ତ୍ରୀମାନଙ୍କ ସହ ବିଭାଗୀୟ ମୁଖ୍ୟ ପଦାଧିକାରୀମାନେ ଉପସ୍ଥିତ ରହିଥିଲେ।

**ଆସିକା,(ସୁରେନ୍ଦ୍ର ନାଥ ସାହୁ):** ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଲେଜ ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏନସିସି ଅଫିସର ମେଜର ଡ. ଶଙ୍କର ପ୍ରସାଦ ଅଧିକାରୀ, ଯୁବ ରେଡକ୍ରସ ଉପଦେଷ୍ଟା ରାଜେଶ କୁମାର ସାହୁ, ଅଜିତ କୁମାର ମୁନୀ, ଏନଏସଏସ ଅଧିକାରୀ ଧଙ୍ଗଡା ମାଝି, ପଦ୍ମାବତୀ ମଲିକ ପ୍ରମୁଖ ସାମିଲ ଥିଲେ । ଏତଦ ଅବସରରେ ଛାତ୍ରୀଛାତ୍ରଙ୍କୁ ଦୁର୍ନୀତି ନିବାରଣ ଲାଗି ଶପଥପାଠ କରାଯାଇଥିଲା ।

